ବାଇବଲର ସମ୍ପୂର୍ଣ୍ଣ ସତ୍ୟ

ଯୀଶୁ ଉତ୍ତର ଦେଲେ, " ମୁଁ ପଥ, ସତ୍ୟ ଓ ଜୀବନ। ମୋ' ଦ୍ୱାରା କେବଳ କେହି ପରମପିତାଙ୍କ ପାଖକୁ ଯାଏ ନାହିଁ।"
ଯୋହନ ଲିଖିତ ସୁସମାଗ୍ଭର 14:6
ମୃତ୍ୟୁ ପର୍ଯ୍ୟନ୍ତ ସତ୍ୟ ପାଇଁ ଚେଷ୍ଟା କର, ଏବଂ ପ୍ରଭୁ ତୁମ ପାଇଁ ଯୁଦ୍ଧ କରିବେ। ଉପଦେଶକ 4:28

ପଞ୍ଚାଟେଉକ୍

ସେ କହିଲେ, "ମୋହର କର୍ତ୍ତା ଅବ୍ରହାମଙ୍କର ସଦାପ୍ରଭୁ ପରମେଶ୍ୱର ଧନ୍ୟ ହେଉନ୍ତୁ, ଯେହେତୁ ସେ ମୋ' କର୍ତ୍ତାଙ୍କୁ ଅନୁଗ୍ରହ ଓ ସତ୍ୟାଚରଣ କରିବାରୁ ନିବୃତ୍ତ କରି ନାହାନ୍ତି; ମୁଁ ପଥ ମଧ୍ୟରେ ଥିଲି, ସଦାପ୍ରଭୁ ମୋତେ ମୋ' କର୍ତ୍ତାଙ୍କର ଜ୍ଞାତିମାନଙ୍କ ଗୃହକୁ କଢ଼ାଇ ନେଲେ।" ଆଦିପୁସ୍ତକ 24:27

"ତୁମ୍ଭେ ଏହି ଦାସ ପ୍ରତି ଯେଉଁ ସମସ୍ତ ଦୟା ଓ ସତ୍ୟତା ପ୍ରକାଶ କରିଅଛ, ମୁଁ ତହିଁର କ୍ଷୁଦ୍ରତମ ପାଇବାର ଯୋଗ୍ୟ ନୁହେଁ; କାରଣ ମୁଁ ଆପଣା ଯଷ୍ଟି ଘେନି ଏହି ଯର୍ଦ୍ଦନ ପାର ହୋଇଥିଲି; ଆଉ ଏବେ ମୁଁ ଦୁଇ ଦଳ ହୋଇଅଛି।" ଆଦିପୁସ୍ତକ 32:10

ତୁମ୍ଭମାନଙ୍କ ମଧ୍ୟରୁ ଜଣକୁ ପଠାଅ, ସେ ତୁମ୍ଭ ଭାଇକୁ ଆଣୁ, ଆଉ ତୁମ୍ଭେମାନେ କାରାଗାରରେ ରଖା ଯିବ; ଯେପରି ତୁମ୍ଭମାନଙ୍କ କଥା ସତ୍ୟ କି ନାହିଁ, ପରୀକ୍ଷା ହେବ; ନଚେତ୍ ଫାରୋଙ୍କ ଜୀବନର ଶପଥ କରି କହୁଅଛି, ତୁମ୍ଭେମାନେ ଅବଶ୍ୟ ଗୁପ୍ତଚର। ଆଦିପୁସ୍ତକ 42:16

ଆହୁରି, ତୁମ୍ଭେ ଏହି ସମସ୍ତ ଲୋକଙ୍କ ମଧ୍ୟରୁ ପାରଙ୍ଗମ, ପରମେଶ୍ୱରଙ୍କୁ ଭୟକାରୀ, ସତ୍ୟବାଦୀ ଓ ଲୋଭ ଘୃଣାକାରୀ ଲୋକଙ୍କୁ ନିଯୁକ୍ତ କରିବ; ଆଉ ସେମାନଙ୍କୁ ସେମାନଙ୍କ ଉପରେ ସହସ୍ରପତି, ଶତପତି, ପଚାଶତପତି ଓ ଦଶପତି ନିଯୁକ୍ତ କରିବ; ଯାତ୍ରାପୁସ୍ତକ 18:21

ଆଉ ସଦାପ୍ରଭୁ ତାଙ୍କ ସମ୍ମୁଖ ଦେଇ ଗମନ କରି ଏହା ଘୋଷଣା କଲେ, "ସଦାପ୍ରଭୁ, ସଦାପ୍ରଭୁ ପରମେଶ୍ୱର, ସେ ଦୟାଳୁ ଓ କୃପାମୟ, କ୍ରୋଧରେ ଧୀର, ଦୟା ଓ ସତ୍ୟତାରେ ପରିପୂର୍ଣ୍ଣ;" ଯାତ୍ରାପୁସ୍ତକ 34:6

ତେବେ ତୁମ୍ଭେ ପଚାରିବ, ଖୋଜିବ ଓ ଯତ୍ନପୂର୍ବକ ପଚାରିବ; ଆଉ ଦେଖ, ଯେବେ ତାହା ସତ୍ୟ, ପୁଣି କଥା ନିଶ୍ଚିତ ହୁଏ ଯେ, ତୁମ୍ଭ ମଧ୍ୟରେ ଏପରି ଘୃଣ୍ୟ କର୍ମ କରାଯାଇଅଛି; ଦ୍ୱିତୀୟ ବିବରଣ ୧୩:୧୪

ସେ ଶୈଳ, ତାଙ୍କର କର୍ମ ସିଦ୍ଧ; କାରଣ ତାଙ୍କର ସକଳ ପଥ ନ୍ୟାୟ; ସେ ସତ୍ୟମୟ ଓ ଅଧର୍ମରହିତ ପରମେଶ୍ୱର, ଧାର୍ମିକ ଓ ଧାର୍ମିକ। ଦ୍ୱିତୀୟ ବିବରଣ 32:4

ଇତିହାସ

ଏହେତୁ ଏବେ ସଦାପ୍ରଭୁଙ୍କୁ ଭୟ କର, ସରଳତାରେ ଓ ସତ୍ୟତାରେ ତାହାଙ୍କର ସେବା କର; ପୁଣି ତୁମ୍ଭମାନଙ୍କ ପୂର୍ବପୁରୁଷମାନେ ନଦୀ ସେପାରିରେ ଓ ମିସରରେ ଯେଉଁ ଦେବତାମାନଙ୍କର ସେବା କରିଥିଲେ, ସେମାନଙ୍କୁ ଦୂର କରି ଦିଅ; ଆଉ ସଦାପ୍ରଭୁଙ୍କର ସେବା କର । ଯିହୋଶୂୟ 24:14

ତହୁଁ କଣ୍ଟକଲତା ବୃକ୍ଷମାନଙ୍କୁ କହିଲା, ଯେବେ ତୁମ୍ଭେମାନେ ସତ୍ୟରେ ମୋତେ ତୁମ୍ଭମାନଙ୍କ ଉପରେ ରାଜା କରିବାକୁ ଅଭିଷେକ କର, ତେବେ ଆସି ମୋର ଛାୟାରେ ଆଶ୍ରୟ ନିଅ; ନ ହେଲେ କଣ୍ଟକଲତାରୁ ଅଗ୍ନି ବାହାରି ଲିବାନୋନର ଏରସ ବୃକ୍ଷଗୁଡ଼ିକୁ ଗ୍ରାସ କରୁ। ବିଚାରକର୍ତ୍ତା 9:15

ତେଣୁ ତୁମ୍ଭେ ନିଶ୍ଚିତ ସଦାପ୍ରଭୁଙ୍କୁ ଭୟ କର, ଏବଂ ସତ୍ୟ ହୃଦୟ ରେ ତାଙ୍କର ସେବା କର। କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ବଡ ଆଶ୍ଚର୍ୟ୍ୟଜନକ କାର୍ୟ୍ୟ କରିଛନ୍ତି। ପ୍ରଥମ ଶାମୁୟେଲ 12:24

ତହୁଁ ଦାଉଦ ଯାଜକକୁ ଉତ୍ତର ଦେଇ କହିଲେ, ପ୍ରକୃତରେ, ମୁଁ ବାହାରିବା ଦିନଠାରୁ ପ୍ରାୟ ଏହି ତିନି ଦିନ ହେଲା ସ୍ତ୍ରୀମାନଙ୍କୁ ଆମଠାରୁ ପୃଥକୀକୃତ କରାଯାଇଅଛି, ଏ କଥା ସତ୍ୟ, ଯୁବାମାନଙ୍କ ପାତ୍ର ପବିତ୍ର, ଏବଂ ରୁଟି ସାଧାରଣ, ହଁ, ଆଜି ପାତ୍ରରେ ତାହା ପବିତ୍ର କରାଯାଇ ଥିଲେ ମଧ୍ୟ। ପ୍ରଥମ ଶାମୁୟେଲ 21:5

ସଦାପ୍ରଭୁ ତୁମ୍ଭମାନଙ୍କ ପ୍ରତି ଦୟା ଓ ସତ୍ୟତା ପ୍ରକାଶ କରନ୍ତୁ। କାରଣ ତୁମ୍ଭେମାନେ ଏହି କର୍ମ କରିଥିବାରୁ ମୁ ମଧ୍ୟ ତୁମ୍ଭମାନଙ୍କୁ ସେହି ଦୟା ପ୍ରଦର୍ଶନ କରିବି। ଦ୍ୱିତୀୟ ଶାମୁୟେଲ 2:6

"ତୁମ୍ଭେ କେବଳ କାଲି ଆସିଲ, ଆଜି କ'ଣ ମୁଁ ତୁମ୍ଭକୁ ଆମ୍ଭମାନଙ୍କ ସହିତ ଏଣେତେଣେ ବୁଲାଇବା? ଆମ୍ଭେ ଯେଉଁଠାକୁ ପାରିବୁ, ସେଠାକୁ ଯିବୁ। ତୁମ୍ଭେ ଫେରିଯାଅ, ତୁମ୍ଭ ଭାଇମାନଙ୍କୁ ଫେରାଇ ଆଣ। ଦୟା ଓ ସତ୍ୟତା ତୁମ୍ଭ ସହବର୍ତ୍ତୀ ହେଉ।" ଦ୍ୱିତୀୟ ଶାମୁୟେଲ 15:20

ଯେପରି ସଦାପ୍ରଭୁ ମୋ' ବିଷୟରେ ଯାହା କହିଅଛନ୍ତି, ଯଥା, ଯଦି ତୁମ୍ଭ ସନ୍ତାନମାନେ ସମସ୍ତ ଅନ୍ତଃକରଣ ଓ ସମସ୍ତ ପ୍ରାଣ ସହିତ ଆମ୍ଭ ସମ୍ମୁଖରେ ସତ୍ୟରେ ଚାଲିବାକୁ ଆପଣା ଆପଣା ପଥରେ ସାବଧାନ ହେବେ, ତେବେ ଇସ୍ରାଏଲର ସିଂହାସନରେ ବସିବାକୁ ତୁମ୍ଭ ବଂଶରେ ଜଣେ ଲୋକର ଅଭାବ ହେବ ନାହିଁ, ସେ ଆପଣାର ଏହି ବାକ୍ୟ ସଫଳ କରିବେ (ସେ କହିଲେ),)। ପ୍ରଥମ ରାଜାବଳୀ 2:4

ଶଲୋମନ କହିଲେ, "ତୁମ୍ଭ ଦାସ ଆମ୍ଭ ପିତା ଦାଉଦ ତୁମ୍ଭ ସମ୍ମୁଖରେ ସତ୍ୟତାରେ, ଧାର୍ମିକତାରେ ଓ ମନର ସରଳତାରେ ତୁମ୍ଭ ସହିତ ଗମନାଗମନ କରିବା ଅନୁସାରେ ତୁମ୍ଭେ ତାଙ୍କ ପ୍ରତି ମହାଦୟା ପ୍ରକାଶ କରିଅଛ; ଆଉ ଆଜିର ନ୍ୟାୟ ତାଙ୍କର ସିଂହାସନରେ ବସିବା ପାଇଁ ତାଙ୍କୁ ଏକ ପୁତ୍ର ଦେଇଅଛ ଯେ, ତୁମ୍ଭେ ତାଙ୍କ ପ୍ରତି ଏହି ମହାଦୟା ରଖିଅଛ।" ପ୍ରଥମ ରାଜାବଳୀ 3:6

ତହୁଁ ସେ ସ୍ତ୍ରୀ ଏଲୀୟଙ୍କୁ କହିଲା, "ତୁମ୍ଭେ ଯେ ପରମେଶ୍ୱରଙ୍କ ଲୋକ ଓ ତୁମ୍ଭ ମୁଖରେ ସଦାପ୍ରଭୁଙ୍କ ବାକ୍ୟ ଯେ ସତ୍ୟ, ଏହା ଏବେ ମୁଁ ଜାଣିଲି।" ପ୍ରଥମ ରାଜାବଳୀ 17:24

ହେ ସଦାପ୍ରଭୁ, ଏହା ସତ୍ୟ ଯେ ଅଶୂରର ରାଜାମାନେ ନାନା ଗୋଷ୍ଠୀକୁ ଏବଂ ସେମାନଙ୍କ ଦେଶକୁ ଧ୍ୱଂସ କରିଅଛନ୍ତି। ଦ୍ୱିତୀୟ ରାଜାବଳୀ 19:17

"ହେ ସଦାପ୍ରଭୁ, ମୁଁ ବିନୟ କରୁଛି, ମୁଁ କିପରି ସତ୍ୟତାରେ ଓ ସର୍ବାନ୍ତଃକରଣରେ ତୁମ୍ଭ ସମ୍ମୁଖରେ ଗମନାଗମନ କରିଅଛି ଓ ତୁମ୍ଭ ଦୃଷ୍ଟିରେ ଉତ୍ତମ କର୍ମ କରିଅଛି, ତାହା ଏବେ ସ୍ମରଣ କର।" ତହିଁରେ ହିଜକିୟ ଅତ୍ୟନ୍ତ କାନ୍ଦିଲେ। ଦ୍ୱିତୀୟ ରାଜାବଳୀ 20:3

ତା'ପରେ ହିଜକିୟ ଯିଶାଇୟକୁ କହିଲେ, "ତୁମ୍ଭେ ସଦାପ୍ରଭୁଙ୍କ ଯେଉଁ ବାକ୍ୟ କହିଲ, ତାହା ଉତ୍ତମ।" ଆଉ ମଧ୍ୟ ହିଜକିୟ କହିଲେ, "ମୋ' ଜୀବନକାଳରେ ଶାନ୍ତି ଓ ସତ୍ୟ ବିରାଜିତ ହେଲେ କ'ଣ ଭଲ ନୁହେଁ?" ଦ୍ୱିତୀୟ ରାଜାବଳୀ 20:19

ରାଜା ତାହାକୁ କହିଲେ, "ତୁମ୍ଭେ ସଦାପ୍ରଭୁଙ୍କ ନାମରେ ମୋତେ ସତ୍ୟ ବ୍ୟତୀତ ଆଉ କିଛି ନ କୁହ ବୋଲି ମୁଁ କେତେ ଥର ତୁମ୍ଭକୁ ଶପଥ କରାଇବି?" ଦ୍ୱିତୀୟ ବଂଶାବଳୀ 18:15

ହିଜକିୟ ଯିହୁଦାର ସର୍ବତ୍ର ଏହି ପ୍ରକାର କଲେ ; ପୁଣି ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ଦୃଷ୍ଟିରେ ଉତ୍ତମ ଓ ଯଥାର୍ଥ ଓ ସତ୍ୟତାର କର୍ମ କଲେ । ଦ୍ୱିତୀୟ ବଂଶାବଳୀ 31:20

ତହୁଁ ସେ ଅକ୍ଷଶ୍ୱେରଶଙ୍କ ରାଜ୍ୟର ଏକଶହ ସତାଇଶ ପ୍ରଦେଶର ସମସ୍ତ ଯିହୁଦୀଙ୍କୁ ଶାନ୍ତି ଓ ସତ୍ୟର ବାକ୍ୟ ସହିତ ପତ୍ର ପଠାଇଲେ, ଏଷ୍ଟର ୯:୩୦

କବିତା

ମୁଁ ଜାଣେ ଏହା ସତ୍ୟ: କିନ୍ତୁ ପରମେଶ୍ୱରଙ୍କ ନିକଟରେ ମନୁଷ୍ୟ କିପରି ଧାର୍ମିକ ହେବ? ଆୟୁବ ପୁସ୍ତକ 9:2

ଯେଉଁ ଜନ ସରଳ ଭାବରେ ଚାଲେ, ଧର୍ମକର୍ମ କରେ, ଓ ଅନ୍ତରରୁ ସତ୍ୟ କହେ। ଗୀତସଂହିତା 15:2

ତୁମ୍ଭର ସତ୍ୟ ମାର୍ଗରେ ଚାଲିବାକୁ ମୋତେ କଢ଼ାଇ ନିଅ ଓ ଶିକ୍ଷା ଦିଅ। ତୁମ୍ଭେ ମୋରେ ପରିତ୍ରାଣର ପରମେଶ୍ୱର ଅଟ। ମୁଁ ପ୍ରତିଦିନ ତୁମ୍ଭ ଉପରେ ଭରସା ରେଖ। ଯେଉଁମାନେ ତାହାଙ୍କର ନିୟମ ଓ ପ୍ରମାଣ-ବାକ୍ୟ ପାଳନ କରନ୍ତି, ସେମାନଙ୍କ ପ୍ରତି ସଦାପ୍ରଭୁଙ୍କର ସକଳ ପଥ ଦୟା ଓ ସତ୍ୟ। ଗୀତସଂହିତା ୨୫:୫ ,୧୦

ମୁଁ ସବୁବେଳେ ତୁମ୍ଭର ସ୍ନହପେୂର୍ଣ୍ଣ କରୁଣା ଦେଖିପାରୁଛି। ଗୀତସଂହିତା 26:3

ମୁଁ କବରକୁ ଗଲେ, ମୋ ରକ୍ତରେ କି ଲାଭ? ଧୂଳି କ'ଣ ତୁମ୍ଭର ପ୍ରଶଂସା କରିବ? ଏହା କ'ଣ ତୁମ୍ଭର ସତ୍ୟତା ପ୍ରକାଶ କରିବ? ଗୀତସଂହିତା 30:9

ହେ ସଦାପ୍ରଭୁ, ତୁମ୍ଭେ ପରମେଶ୍ୱର ଯାହାଙ୍କୁ ବିଶ୍ୱାସ କରିପାରିବ। ମୁଁ ମୋରେ ଆତ୍ମାକୁ ତୁମ୍ଭ ହସ୍ତରେ ସମର୍ପଣ କରୁଛି। ମୋତେ ରକ୍ଷା କର। ଗୀତସଂହିତା 31:5

ସଦାପ୍ରଭୁଙ୍କର ବାକ୍ୟ ସତ୍ୟ ଓ ତାଙ୍କର ସମସ୍ତ କାର୍ଯ୍ୟ ସତ୍ୟତାରେ ସାଧିତ। ଗୀତସଂହିତା 33:4

ମୁଁ ତୁମ୍ଭର ଧାର୍ମିକତାକୁ ମୋ' ହୃଦୟରେ ଲୁଚାଇ ରଖି ନାହିଁ। ମୁଁ ତୁମ୍ଭର ବିଶ୍ୱସ୍ତତା ଏବଂ ତୁମ୍ଭର ପରିତ୍ରାଣ ବିଷୟରେ କହିଅଛି। ମୁଁ ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଓ ସତ୍ୟତା ମହାସମାଜରୁ ଲୁଚାଇ ରଖି ନାହିଁ। ହେ ସଦାପ୍ରଭୁ, ତୁମ୍ଭର ଦୟା ମୋଠାରେ ଲୁଚାଅ ନାହିଁ। ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଓ ସତ୍ୟତା ସର୍ବଦା ମୋତେ ରକ୍ଷା କରୁ। ଗୀତସଂହିତା 40:10 - 11

ହେ ପରମେଶ୍ୱର, ତୁମ୍ଭର ଆଲୋକ ଓ ସତ୍ୟତା ମୋ' ନିକଟକୁ ପ୍ରେରିତ ହେଉ। ସେମାନେ ମୋତେ ପଥ ଦେଖାଇ ଦିଅ; ସେମାନେ ମୋତେ ତୁମ୍ଭର ପବିତ୍ର ପର୍ବତକୁ ଓ ତୁମ୍ଭର ଆବାସକୁ ନେଇଯାଆନ୍ତୁ। ଗୀତସଂହିତା 43:3

ପୁଣି ସତ୍ୟତା, ନମ୍ରତା ଓ ଧର୍ମ ପାଇଁ ଆପଣା ମହିମାରେ ବିଜୟୀ ହୁଅ, ଆଉ ତୁମ୍ଭର ଦକ୍ଷିଣ ହସ୍ତ ତୁମ୍ଭକୁ ଭୟଙ୍କର କାର୍ଯ୍ୟ ଶିଖାଇବ। ଗୀତସଂହିତା 45:4

ଦେଖ, ମୁଁ ଅନ୍ତରରେ ସତ୍ୟତା ଚାହେଁ, ତେଣୁ ତୁମ୍ଭେ ମୋ' ଅନ୍ତରରେ ପ୍ରକୃତ ଜ୍ଞାନ ପ୍ରଦାନ କର। ଗୀତସଂହିତା 51:6

ପରମେଶ୍ୱର ମୋର ଶତ୍ରୁମାନଙ୍କୁ ସେମାନଙ୍କର କୁକର୍ମ ପାଇଁ ପ୍ରତି ରୋଧ କର। ପରମେଶ୍ୱର, ଦେଖାଇ ଦିଅ ଯେ, ତୁମ୍ଭେ ମୋ ପାଇଁ ସତ୍ୟ ଅଟ ଏବଂ ସେମାନଙ୍କୁ ଧ୍ୱଂସ କର। ଗୀତସଂହିତା 54:5

ସେ ସ୍ୱର୍ଗରୁ ମୋତେ ପଠାଇ ମୋତେ ଗ୍ରାସ କରିବା ପାଇଁ ଲଜ୍ଜିତ କରନ୍ତି। ପରମେଶ୍ୱର ତାଙ୍କର ସ୍ୱର୍ଗୀୟ ପ୍ରେମ ଓ ସତ୍ୟତା ପଠାଇବେ। କାରଣ ତୁମ୍ଭର ଦୟା ଆକାଶ ପରି ମହତ ଓ ତୁମ୍ଭର ସତ୍ୟତା ମେଘମାଳ ପର୍ଯ୍ୟନ୍ତ। ଗୀତସଂହିତା 57: 3,10

ତୁମ୍ଭକୁ ଉପାସନା କରୁଥିବା ଲୋେକଙ୍କୁ ତୁମ୍େଭ ଏକ ପତାକା ଉଠାଇଲ, େଯପରି ତାହା ସତ୍ୟତା ପାଇଁ ପ୍ରଦର୍ଶିତ େହବ। ଗୀତସଂହିତା 60:4

ସେ ପରମେଶ୍ୱରଙ୍କ ଆଶୀର୍ବାଦରେ ଚିରଦିନ ବାସ କରିବେ। ତାଙ୍କ ସତ୍ୟତା ଓ ଦୟା ପ୍ରସ୍ତୁତ କର। ଗୀତସଂହିତା 61:7

ହେ ସଦାପ୍ରଭୁ, ମୋ' ବିଷୟରେ, ମୁଁ ପ୍ରାର୍ଥନା କରେ ତୁମ୍ଭେ ମୋତେ ଗ୍ରହଣ କରିନିଅ। ହେ ପରମେଶ୍ୱର, ମୁଁ ଆଶାକରେ ତୁମ୍ଭେ ମୋତେ ତୁମ୍ଭର ପରିତ୍ରାଣର ସତ୍ୟତା ଅନୁସାରେ ଉତ୍ତର ଦିଅ। ଗୀତସଂହିତା 69:13

ତା'ପରେ ହେ ମୋର ପରମେଶ୍ୱର, ମୁଁ ବୀଣା ବାଦନ ସହିତ ତୁମ୍ଭର ପ୍ରଶଂସା କରିବି। ତୁମ୍ଭ ଉପରେ ସତ୍ୟତା ରହିବ। ତୁମେ ଇସ୍ରାଏଲର ପବିତ୍ର ସଦାପ୍ରଭୁ ବୋଲି ମୁଁ ତୁମ୍ଭଙ୍କୁ ବୀଣା ବାଦନ କରି ପ୍ରଶଂସା ଗାନ କରିବି। ଗୀତସଂହିତା 71:22

ଦୟା ଓ ସତ୍ୟତା ସଙ୍ଗରେ ସାକ୍ଷାତ କରନ୍ତି, ଧର୍ମ ଓ ଶାନ୍ତି ପରସ୍ପରକୁ ଚୁମ୍ବନ କରିଅଛନ୍ତି। ପୃଥିବୀରୁ ସତ୍ୟତା ଅଙ୍କୁରିତ ହେବ, ଏବଂ ସ୍ୱର୍ଗରୁ ଧାର୍ମିକତା ତଳକୁ ଦୃଷ୍ଟିପାତ କରିବ। ଗୀତସଂହିତା 85:10 -11

ହେ ସଦାପ୍ରଭୁ, ମୋତେ ତୁମ୍ଭର ପଥ ଶିଖାଅ, ମୁଁ ତୁମ୍ଭ ସତ୍ୟତାରେ ଗମନ କରିବି। ମୋତେ ତୁମ୍ଭର ନାମକୁ ଭୟ କରିବାରେ ଏକତ୍ରିତ କର। ମାତ୍ର, ହେ ପ୍ରଭୁ, ତୁମ୍ଭେ ସ୍ନେହଶୀଳ ଓ କୃପାମୟ ପରମେଶ୍ୱର, କ୍ରୋଧରେ ଧୀର, ଏବଂ ଦୟା ଓ ସତ୍ୟତାରେ ପରିପୂର୍ଣ୍ଣ ଅଟ। ଗୀତସଂହିତା ୮୬:୧୧ ,୧୫

ଧର୍ମ ଓ ନ୍ୟାଯ ବିଚାର ତୁମ୍ଭ ସିଂହାସନର ଭିତ୍ତିମୂଳ। ପ୍ରେମ ଓ ଭକ୍ତି ତୁମ୍ଭ ସମ୍ମୁଖବର୍ତ୍ତୀ। ହେ ପ୍ରଭୁ, ତୁମ୍ଭେ ଆପଣା ବିଶ୍ୱସ୍ତତାରେ ଦାଉଦଙ୍କ ନିକଟରେ ଯାହା ଶପଥ କରିଥିଲ, ତୁମ୍ଭର ପୂର୍ବ ସ୍ନେହପୂର୍ଣ୍ଣ କରୁଣା କାହିଁ ? ଗୀତସଂହିତା 89:14 ,49

ସେ ତୁମ୍ଭକୁ ଆପଣା ନିକୟରେ ଆଚ୍ଛାଦନ କରିବେ। ତାଙ୍କ ପକ୍ଷ ତଳେ ତୁମ୍ଭେ ଭରସା ରଖିବ; ତାହାଙ୍କର ସତ୍ୟତା ତୁମ୍ଭର ଢାଲ ଓ ପ୍ରାଚୀର ସ୍ୱରୂପ ହେବ। ଗୀତସଂହିତା 91:4

ସଦାପ୍ରଭୁଙ୍କ ସମ୍ମୁଖେର; କାରଣ େସ ଆସୁଛନ୍ତି, କାରଣ େସ ପୃଥିବୀର ବିଚାର କରିବାକୁ ଆସୁଛନ୍ତି; େସ ଧର୍ମରେ ଜଗତର ଓ ନିଜର ସତ୍ୟତାରେ ଲୋେକମାନଙ୍କର ବିଚାର କରିେବ। ଗୀତସଂହିତା 96:13

ସେ ଇସ୍ରାଏଲ ବଂଶ ପ୍ରତି ତାଙ୍କର ଦୟା ଓ ବିଶ୍ୱସ୍ତତା ମନେ ରଖିଛନ୍ତି; ପୃଥିବୀର ପ୍ରାନ୍ତସ୍ଥ ସମସ୍ତେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ପରିତ୍ରାଣ ଦେଖିଅଛନ୍ତି। ଗୀତସଂହିତା 98:3

କାରଣ ସଦାପ୍ରଭୁ ମଙ୍ଗଳମୟ ଓ ତାଙ୍କର କରୁଣା ଅନନ୍ତକାଳସ୍ଥାୟୀ ଓ ତାଙ୍କର ବିଶ୍ୱସ୍ତତା ପୁରୁଷାନୁକ୍ରମେ ସ୍ଥାୟୀ। ଗୀତସଂହିତା 100:5

ସଦାପ୍ରଭୁ ତୁମ୍ଭର ପ୍ରେମ ଆକାଶଠାରୁ ମହତ୍। ତୁମ୍ଭର ବିଶ୍ୱସନୀୟତା ଗଗନସ୍ପର୍ଶୀ। ଗୀତସଂହିତା 108:4

ତାହା ଅନନ୍ତକାଳ ପାଇଁ ସ୍ଥିରୀକୃତ, ଆଉ ସତ୍ୟତା ଓ ସରଳତାରେ ସାଧିତ। ଗୀତସଂହିତା 111:8

ହେ ସଦାପ୍ରଭୁ, ଆମ୍ଭମାନଙ୍କୁ ନୁହେଁ, ମାତ୍ର ଆପଣା ଦୟା ଓ ସତ୍ୟତା ସକାଶେ ଆପଣା ନାମକୁ ଗୌରବ ଦିଅ। ଗୀତସଂହିତା 115:1

କାରଣ ଆମ୍ଭମାନଙ୍କ ପ୍ରତି ତାଙ୍କର ଦୟା ମହତ ଓ ସଦାପ୍ରଭୁଙ୍କର ସତ୍ୟତା ଅନନ୍ତକାଳସ୍ଥାୟୀ। ସଦାପ୍ରଭୁଙ୍କର ପ୍ରଶଂସା କର! ଗୀତସଂହିତା 117:2

ମୁଁ ବିଶ୍ୱସ୍ତତା ପାଇଁ ମନୋନୀତ ହୋଇଅଛି। ମୁଁ ତୁମ୍ଭର ନ୍ୟାଯପରାଯଣତାକୁ ବୁଝାଇ ଦେବି। େମାେତ ତୁମ୍ଭର ସତ୍ୟ ଶିକ୍ଷା ବିଷଯେର କହିବାକୁ ଦିଅ ନାହିଁ। ମୁଁ ତୁମ୍ଭର ନିଷ୍ପତ୍ତିରେ ନିର୍ଭର କେର। ତୁମ୍ଭର ଧାର୍ମିକତା ଅନନ୍ତକାଳସ୍ଥାୟୀ ଧର୍ମ ଓ ତୁମ୍ଭର ବ୍ୟବସ୍ଥା ସତ୍ୟ। ହେ ସଦାପ୍ରଭୁ, ତୁମ୍ଭେ ମୋର ନିକଟବର୍ତ୍ତୀ। ତୁମ୍ଭର ଆଜ୍ଞା ସକଳ ସତ୍ୟ। ଗୀତସଂହିତା ୧୧୯:୩୦ ,୪୩,୧୪୨,୧୫୧

ସଦାପ୍ରଭୁ ଦାଉଦଙ୍କ ନିକଟରେ ସତ୍ୟରେ ଶପଥ କରିଅଛନ୍ତି; ସେ ତହିଁରୁ ଫେରିବେ ନାହିଁ; ଆମ୍ଭେ ତୁମ୍ଭ ବଂଶରୁ ଫଳକୁ ତୁମ୍ଭ ସିଂହାସନରେ ବସାଇବା। ଗୀତସଂହିତା 132:11

ମୁଁ ତୁମ୍ଭର ପବିତ୍ର ମନ୍ଦିର ପ୍ରତି ପ୍ରଣାମ କରିବି। ମୁଁ ତୁମ୍ଭର ନାମ, ତୁମ୍ଭର ସ୍ନେହପୂର୍ଣ୍ଣ କରୁଣା ଏବଂ ତୁମ୍ଭର ସତ୍ୟତାକୁ ପ୍ରଶଂସା କରିବି। କାରଣ ତୁମ୍ଭେ ଆପଣା ପ୍ରତିଜ୍ଞାକୁ ଏପରିକି ସମସ୍ତ ନାମ ଅପେକ୍ଷା ଅଧିକ ପ୍ରସିଦ୍ଧ କରିଅଛ। ଗୀତସଂହିତା 138:2

ସଦାପ୍ରଭୁ ସମସ୍ତ ପ୍ରାର୍ଥନାକାରୀଙ୍କର ନିକଟବର୍ତ୍ତୀ ଅଟନ୍ତି, ଯେଉଁମାନେ ତାଙ୍କୁ ସତ୍ୟରେ ଡାକନ୍ତି। ଗୀତସଂହିତା 145:18

ଯେ ଆକାଶମଣ୍ଡଳ, ପୃଥିବୀ, ସମୁଦ୍ର ଓ ତନ୍ମଧ୍ୟସ୍ଥ ସକଳ ସୃଷ୍ଟି କଲେ; ଯେ ଅନନ୍ତକାଳ ସତ୍ୟ ରକ୍ଷା କରନ୍ତି; ଗୀତସଂହିତା 146:6

ଦୟା ଓ ସତ୍ୟତା ତୁମ୍ଭକୁ ପରିତ୍ୟାଗ ନ କରୁ; ଆପଣା ଗଳାରେ ତାହା ବାନ୍ଧି ରଖ; ଆପଣା ହୃଦୟ-ପେଟରେ ତାହା ଲେଖି ରଖ; ହିତୋପଦେଶ 3:3

େମାରମୁଖ ସତ୍ୟ କହିବ। ଏବଂ ମୁଁ ଦୁଷ୍ଟତାକୁ ଘୃଣା କେର। ହିତୋପଦେଶ 8:7

ସତ୍ୟବାଦୀମାେନ ଧାର୍ମିକତା ପ୍ରକାଶ କରନ୍ତି। ମାତ୍ର ମିଥ୍ୟାସାକ୍ଷୀ ପ୍ରବଞ୍ଚନା ପ୍ରକାଶ କରନ୍ତି। ମିଥ୍ୟାବାଦୀର କଥା ଚିରଦିନ ରହିବ, କିନ୍ତୁ ସତ୍ୟତାପୂର୍ଣ୍ଣ ଶବ୍ଦ କେବଳ ଅଳ୍ପକ୍ଷଣ ନିମନ୍େତ ତିଷ୍ଠେ। ହିତୋପଦେଶ ୧୨:୧୭ ,୧୯

ଯେଉଁମାନେ ଅନ୍ୟର ଅନିଷ୍ଟ ଚିନ୍ତା କରନ୍ତି, ସେମାନେ ପଥଭ୍ରଷ୍ଟ ହୁଅନ୍ତି କି ? କିନ୍ତୁ ଯେଉଁମାନେ ଭଲ ଚିନ୍ତା କରନ୍ତି, ସେମାନଙ୍କ ପ୍ରତି ଦୟା ଓ ସତ୍ୟ ଥାଏ । ହିତୋପଦେଶ ୧୪:୨୨

ଦୟା ଓ ସତ୍ୟତା ରେ ପାପର ପ୍ରାଯଶ୍ଚିତ ହୁଏ। ସଦାପ୍ରଭୁ ବିଷଯକ ଭଯ ଦ୍ୱାରା ମନୁଷ୍ୟମାନେ କୁକ୍ରିଯା ତ୍ୟାଗ କରନ୍ତି। ହିତୋପଦେଶ 16:6

ଦୟା ଓ ସତ୍ୟତା ରାଜାଙ୍କୁ ରକ୍ଷା କେର। ପୁଣି ଦୟାଦ୍ୱାରା ତାହାର ସିଂହାସନ ସ୍ଥିର ହୁଏ। ହିତୋପଦେଶ 20:28

ମୁଁ ତୁମ୍ଭକୁ ସତ୍ୟତା ରୂପକ ବାକ୍ୟର ସତ୍ୟତା ଶିକ୍ଷା ଦେବି ଏବଂ ଯେଉଁମାନେ ତୁମ୍ଭକୁ ପଠାନ୍ତି, ସେମାନଙ୍କୁ ସତ୍ୟତା ରୂପକ ବାକ୍ୟ ଉତ୍ତର ଦେଇ ପାରିବ। ହିତୋପଦେଶ 22:21

ସତ୍ୟତା କିଣ, ତାହା ବିକ୍ରି କର ନାହିଁ, ଜ୍ଞାନ, ଉପଦେଶ ଓ ସୁବିବେଚନା କ୍ରୟ କର। ହିତୋପଦେଶ ୨୩:୨୩

ପ୍ରଚାରକ ଗ୍ରହଣୀୟ ଶବ୍ଦ ଖୋଜିବାକୁ ଚେଷ୍ଟା କଲେ: ଏବଂ ଯାହା ଲେଖାଯାଇଥିଲା ତାହା ଠିକ୍ ଥିଲା, ସତ୍ୟର ଶବ୍ଦ ମଧ୍ୟ। ଉପଦେଶକ 12:10

ଭବିଷ୍ୟବାଣୀ

ସୈନ୍ୟାଧିପତି ସଦାପ୍ରଭୁ ମୋ' କର୍ଣ୍ଣରେ ଏହା କହିଲେ, ନିଶ୍ଚୟ ଅନେକ ଗୃହ ଧ୍ୱଂସସ୍ଥାନ ହେବ, ଏପରିକି ବୃହତ ଓ ସୁନ୍ଦର ଗୃହ ମଧ୍ୟ ନିବାସୀବିହୀନ ହେବ। ଯିଶାଇୟ 5:9

ପୁଣି, ସେହି ଦିନ ଏପରି ଘଟିବ ଯେ, ଇସ୍ରାଏଲର ଅବଶିଷ୍ଟାଂଶ ଲୋକ ଏବଂ ଯାକୁବ ବଂଶର ରକ୍ଷାପ୍ରାପ୍ତ ଲୋକମାନେ, ପ୍ରହାରକାରୀଙ୍କ ଉପରେ ଆଉ ନିର୍ଭର କରିବେ ନାହିଁ, ମାତ୍ର ସତ୍ୟ ଭାବରେ ଇସ୍ରାଏଲର ଧର୍ମସ୍ୱରୂପ ସଦାପ୍ରଭୁଙ୍କ ଉପରେ ନିର୍ଭର କରିବେ। ଯିଶାଇୟ ୧୦:୨୦

ପୁଣି, ଦୟାରେ ସିଂହାସନ ସ୍ଥାପିତ ହେବ; ସେ ଦାଉଦଙ୍କ ତମ୍ବୁରେ ସତ୍ୟତାରେ ତହିଁ ଉପରେ ବସିବେ; ସେ ବିଚାର କରିବେ, ବିଚାର ଅନ୍ୱେଷଣ କରିବେ ଓ ଧର୍ମରେ ଶୀଘ୍ରତା କରିବେ । ଯିଶାଇୟ 16:5

ହେ ସଦାପ୍ରଭୁ, ତୁମ୍ଭେ ମୋର ପରମେଶ୍ୱର; ମୁଁ ତୁମ୍ଭର ପ୍ରତିଷ୍ଠା କରିବି ଓ ତୁମ୍ଭ ନାମର ପ୍ରଶଂସା କରିବି; କାରଣ ତୁମ୍ଭେ ଆଶ୍ଚର୍ଯ୍ୟ କାର୍ଯ୍ୟ କରିଅଛ; ତୁମ୍ଭର ପୁରାତନ କାଳର ମନ୍ତ୍ରଣା ବିଶ୍ୱସ୍ତତାରେ ଓ ସତ୍ୟରେ ପରିଣତ ହୋଇଛି। ଯିଶାଇୟ ୨୫:୧

ସତ୍ୟପାଳନକାରୀ ଧାର୍ମିକ ଗୋଷ୍ଠୀ ଯେପରି ପ୍ରବେଶ କରି ପାରିବେ, ଏଥିପାଇଁ ତୁମ୍ଭେମାନେ ଦ୍ୱାରସବୁ ଖୋଲି ଦିଅ। ଯିଶାଇୟ 26:2

ହେ ସଦାପ୍ରଭୁ, ଏହା ସତ୍ୟ ଯେ ଅଶୂରୀୟ ରାଜାମାନେ ସମସ୍ତ ଦେଶକୁ ଏବଂ ସେମାନଙ୍କର ଦେଶକୁ ଧ୍ୱଂସ କରିଛନ୍ତି। ଯିଶାଇୟ 37:18

"ହେ ସଦାପ୍ରଭୁ, ମୁଁ ବିନୟ କରୁଅଛି, ମୁଁ କିପରି ସତ୍ୟତାରେ ଓ ସର୍ବାନ୍ତଃକରଣରେ ତୁମ୍ଭର ଉପାସନା କରିଅଛି ଓ ତୁମ୍ଭ ଦୃଷ୍ଟିରେ ଯାହା ଉତ୍ତମ, ତାହା କରିଅଛି, ତାହା ସ୍ମରଣ କର।" ତହିଁରେ ହିଜକିୟ ଅତ୍ୟନ୍ତ ରୋଦନ କଲେ। ପାତାଳ ତୁମ୍ଭକୁ ପ୍ରଶଂସା କରିପାରିବ ନାହିଁ। ମୃତ୍ୟୁ ତୁମ୍ଭର ପ୍ରଶଂସା ଗାନ କରିପାରିବ ନାହିଁ। ଯେଉଁମାନେ କବରକୁ ଯାଆନ୍ତି, ସେମାନେ ତୁମ୍ଭର ସତ୍ୟତା ପାଇଁ ଆଶା କରିପାରିବେ ନାହିଁ। ମୁଁ ଯେପରି ଆଜି କରୁଅଛି, ସେହିପରି ଜୀବିତ, ଜୀବିତ ଲୋକ ତୁମ୍ଭର ପ୍ରଶଂସା କରିବେ; ପିତା ସନ୍ତାନଗଣଙ୍କୁ ତୁମ୍ଭର ସତ୍ୟତା ଜ୍ଞାତ କରାଇବେ। ଯିଶାଇୟ 38: 3,18-19

ତା'ପରେ ହିଜକିୟ ଯିଶାଇୟକୁ କହିଲେ, "ତୁମ୍ଭେ ସଦାପ୍ରଭୁଙ୍କ ଯେଉଁ ବାକ୍ୟ କହିଲ, ତାହା ଉତ୍ତମ।" ସେ ଆହୁରି ମଧ୍ୟ କହିଲେ, "ମୋ' ସମୟରେ ଶାନ୍ତି ଓ ସତ୍ୟ ବିରାଜିତ ହେବ।" ଯିଶାଇୟ 39:8

ସେ ଛେଚାନଳ ଭାଙ୍ଗିବେ ନାହିଁ, କିମ୍ବା ନିଷ୍ଠୁର ବଳିତା ଲିଭାଇବେ ନାହିଁ। ସେ ନ୍ୟାୟ ବିଚ୍ଭର କରିବେ ଓ ସତ୍ୟ ଉଦ୍ଘାଟନ କରିବେ। ଯିଶାଇୟ 42:3

ସବୁ େଦଶର େଲାକମାେନ ଏକତ୍ରୀତ ହୁଅନ୍ତୁ ଓ େଗାଷ୍ଠୀବର୍ଗ ଏକତ୍ରୀତ ହୁଅନ୍ତୁ। େସମାନଙ୍କ ମଧ୍ୟରୁ କିଏ ଏହା ପ୍ରକାଶ କରିପା େର ଓ ଆଦ୍ୟ ବିଷୟମାନ ଆମ୍ଭମାନଙ୍କୁ େଦଖାଇପା େର? େସମାେନ ନିର୍ଦ୍ଦୋଷୀ ପ୍ରମାଣିତ େହବା ପାଇଁ ନିଜ ନିଜ ସାକ୍ଷୀମାନଙ୍କୁ ବାହାର କରି ଆଣନ୍ତୁ; ଅଥବା େସମାେନ ଶୁଣି କୁହନ୍ତୁ, ଏହା ସତ୍ୟ।' ଯିଶାଇୟ ଭବିଷ୍ୟଦ୍‌ବକ୍ତାଙ୍କର ପୁସ୍ତକ 43:9

ହେ ଯାକୁବ ବଂଶ, ଇସ୍ରାଏଲ ନାମରେ ଖ୍ୟାତ, ଯିହୁଦାର ଜଳରୁ ନିଗତ, ତୁମ୍ଭେମାନେ ଏହି କଥା ଶୁଣ, ତୁମ୍ଭେମାନେ ସଦାପ୍ରଭୁଙ୍କ ନାମରେ ଶପଥ କରୁଅଛ ଓ ଇସ୍ରାଏଲର ପରମେଶ୍ୱରଙ୍କ ନାମ କୀର୍ତ୍ତନ କରୁଅଛ, ମାତ୍ର ସତ୍ୟରେ କି ଧାର୍ମିକତାରେ ନୁହେଁ। ଯିଶାଇୟ 48:1

କେହି ନ୍ୟାୟରେ ଗୁହାରି କରେ ନାହିଁ, କେହି ସତ୍ୟରେ ପ୍ରତିବାଦ କରେ ନାହିଁ; ସେମାନେ ଅସାରତାରେ ନିର୍ଭର କରନ୍ତି ଓ ମିଥ୍ୟା କଥା କୁହନ୍ତି; ସେମାନେ ଅନିଷ୍ଟକୁ ଗର୍ଭରେ ଧାରଣ କରନ୍ତି ଓ ଅଧର୍ମ ପ୍ରସବ କରନ୍ତି। ଏଣୁ ସୁବିଚାର ପଛକୁ ହଟି ଯାଇଛି ଓ ଧର୍ମ ଦୂର େର ଠିଆ େହାଇଅଛି। ଛକ ସ୍ଥାନ େର ସତ୍ୟତାର ପତନ ଘଟିଛି ଓ ସରଳତା ନଗର ମଧ୍ୟକୁ ପ୍ରେବଶ କରିପାରୁ ନାହିଁ। ହଁ, ସତ୍ୟତାର ଅଭାବ ହୁଏ ଓ ଯେ କୁକର୍ମ ତ୍ୟାଗ କରେ ସେ ନିଜକୁ ଲୁଣ୍ଠିତ କରେ; ପୁଣି ସଦାପ୍ରଭୁ ଏହା ଦେଖିଲେ ଓ ନ୍ୟାଯ ନ ଥିବାରୁ ଅସନ୍ତୁଷ୍ଟ ହେଲେ। ଯିଶାଇୟ 59: 4,14-15

କାରଣ ଆମ୍ଭେ ସଦାପ୍ରଭୁ ନ୍ୟାୟ ବିଗ୍ଭରକୁ ଭଲ ପାଉଁ। ଆମ୍ଭେ ହୋମବଳି ଓ ଅପହରଣକୁ ଘୃଣା କରୁ। ମୁଁ ସତ୍ୟରେ ସେମାନଙ୍କୁ ପ୍ରତିଫଳ ଦେବି ଓ ସେମାନଙ୍କ ସହିତ ଅନନ୍ତକାଳସ୍ଥାୟୀ ଏକ ଚୁକ୍ତି କରିବା। ଯିଶାଇୟ ଭବିଷ୍ୟଦ୍ବକ୍ତାଙ୍କର ପୁସ୍ତକ 61:8

ଯେକେହି ପୃଥିବୀରେ ଆପଣାକୁ ଆଶୀର୍ବାଦ କରେ, ସେ ସତ୍ୟମୟ ପରମେଶ୍ୱରଙ୍କ ନାମରେ ଆପଣାକୁ ଆଶୀର୍ବାଦ କରିବ; ଏବଂ ଯେକେହି ପୃଥିବୀରେ ଶପଥ କରେ, ସେ ସତ୍ୟମୟ ପରମେଶ୍ୱରଙ୍କ ନାମରେ ଶପଥ କରିବ; କାରଣ ପୂର୍ବ ସଙ୍କଟସବୁ ବିସ୍ମୃତ ହୋଇଅଛି, ଏବଂ ତାହା ଆମ୍ଭ ଦୃଷ୍ଟିରୁ ଗୁପ୍ତ ହୋଇଅଛି। ଯିଶାଇୟ ଭବିଷ୍ୟଦ୍ବକ୍ତାଙ୍କର ପୁସ୍ତକ 65:16

ଆଉ ତୁମ୍ଭେ ସତ୍ୟ, ନ୍ୟାୟ ଓ ଧାର୍ମିକତାରେ ସଦାପ୍ରଭୁ ଜୀବିତ ବୋଲି ଶପଥ କରିବ। ତାହା ଦ୍ୱାରା ନାନାଦେଶୀୟମାନେ ଆଶୀର୍ବାଦ ପାଇବେ। ସେମାନେ ଗର୍ବର ସହିତ କହିବେ ଯେ ସେ ତାହା କରିଛନ୍ତି। ଯିରିମିୟ 4:2

ତୁମ୍ଭେମାନେ ଯିରୂଶାଲମର ସଡ଼କରେ ଏଣେତେଣେ ଦୌଡ଼ି ଦେଖ, ବୁଝ, ଏବଂ ତହିଁର ଛକସ୍ଥାନରେ ଖୋଜ, ଯଦି କେହି ନ୍ୟାୟପାଳନକାରୀ, ସତ୍ୟ ଅନ୍ୱେଷଣକାରୀ, ଏପରି କୌଣସି ଲୋକ ପାଇପାର, ତେବେ ଆମ୍ଭେ ତାହା କ୍ଷମା କରିବା। ହେ ସଦାପ୍ରଭୁ, ତୁମର ଦୃଷ୍ଟି କି ସତ୍ୟ ପ୍ରତି ନାହିଁ ? ତୁମ୍ଭେ ସେମାନଙ୍କୁ ପ୍ରହାର କରିଅଛ, ମାତ୍ର ସେମାନେ ଦୁଃଖିତ ହୋଇ ନାହାନ୍ତି; ତୁମ୍ଭେ ସେମାନଙ୍କୁ ଗ୍ରାସ କରିଅଛ, ମାତ୍ର ସେମାନେ ଶିକ୍ଷା ଗ୍ରହଣ କରିବାକୁ ଅସ୍ୱୀକାର କରିଅଛନ୍ତି; ସେମାନେ ଆପଣା ଆପଣା ମୁଖ ପଥରଠାରୁ କଠିନ କରିଅଛନ୍ତି; ସେମାନେ ଫେରିବାକୁ ଅସ୍ୱୀକାର କରିଅଛନ୍ତି । ଯିରିମିୟ 5: 1,3

କିନ୍ତୁ ତୁମ୍େଭ େସମାନଙ୍କୁ କହିବ, େସମାେନ ଏକ େଗାଷ୍ଠୀ େଯଉଁମାେନ ସଦାପ୍ରଭୁ, ଆପଣା ପରେମଶ୍ୱରଙ୍କ କଥା ଅବଧାନ କରନ୍ତି ନାହିଁ। େସମାେନ ପରେମଶ୍ୱରଙ୍କ ଶିକ୍ଷା ଗ୍ରହଣ କରନ୍ତି ନାହିଁ। ସତ୍ୟତା ଉଭେଇ ଯାଇଛି। ଏହା େସମାନଙ୍କ ମୁଖରୁ ଅଦୃଶ୍ୟ େହାଇ ଯାଇଛି। ଯିରିମିୟ 7:28

"ପୁଣି େସମାେନ ଅସତ୍ୟତା ପାଇଁ ନିଜ ନିଜ ଜିହ୍ୱା ଧନୁ ପରି ବକ୍ର କରନ୍ତି, ମାତ୍ର େସମାେନ ଭୂମିେର ସତ୍ୟତା ପାଇଁ ବୀର ନୁେହଁ। କାରଣ େସମାେନ ଦୁଷ୍ଟରୁ ଦୁଷ୍ଟକୁ ଅଗ୍ରସର ହୁଅନ୍ତି, ଏବଂ େସମାେନ ଆମ୍ଭକୁ ଜାଣନ୍ତି ନାହିଁ," ସଦାପ୍ରଭୁ କହନ୍ତି।" ଆଉ, ସେମାନେ ପ୍ରତ୍ୟେକେ ଆପଣା ଆପଣା ପ୍ରତିବାସୀକୁ ପ୍ରବଞ୍ଚନା କରିବେ ଓ ସତ୍ୟ କହିବେ ନାହିଁ; ସେମାନେ ମିଥ୍ୟା କହିବା ପାଇଁ ଆପଣା ଆପଣା ଜିହ୍ୱାକୁ ଶିଖାଇ ଅଛନ୍ତି; ସେମାନେ ଅଧର୍ମ କରିବା ପାଇଁ ଆପଣାମାନଙ୍କୁ କ୍ଳାନ୍ତ କରନ୍ତି। ଯିରିମିୟ ୯:୩ ,୫

ମାତ୍ର ତୁମ୍ଭେମାନେ ନିଶ୍ଚିତ ଜାଣ ଯେ, ଯଦି ତୁମ୍ଭେମାନେ ମୋତେ ବଧ କର, ତେବେ ତୁମ୍ଭେମାନେ ନିଶ୍ଚୟ ଆପଣାମାନଙ୍କ ଉପରେ, ଏହି ନଗର ଉପରେ ଓ ତନ୍ନିବାସୀମାନଙ୍କ ଉପରେ ନିର୍ଦ୍ଦୋଷର ରକ୍ତପାତର ଅପରାଧ ଲଦିବ; କାରଣ ଏହି ସମସ୍ତ କଥା ତୁମ୍ଭମାନଙ୍କ କର୍ଣ୍ଣଗୋଚରରେ କହିବା ପାଇଁ ସଦାପ୍ରଭୁ ସତ୍ୟରେ ତୁମ୍ଭମାନଙ୍କ ନିକଟକୁ ମୋତେ ପଠାଇଅଛନ୍ତି। ଯିରିମିୟ ୨୬:୧୫

ଦେଖ, ମୁଁ ଏହାକୁ ସୁସ୍ଥତା ଏବଂ ଆରୋଗ୍ୟ ଆଣିବି, ଏବଂ ମୁଁ ସେମାନଙ୍କୁ ସୁସ୍ଥ କରିବି, ଏବଂ ସେମାନଙ୍କୁ ଶାନ୍ତି ଓ ସତ୍ୟର ପ୍ରଚୁରତା ପ୍ରକାଶ କରିବି। ଯିରିମିୟ 33:6

ରାଜା ଦାନିୟେଲଙ୍କୁ ଉତ୍ତର ଦେଇ କହିଲା, “ମୁଁ ସତ୍ୟ କହୁଛି, ତୁମ୍ଭର ପରମେଶ୍ୱର ଈଶ୍ୱରଗଣର ପରମେଶ୍ୱର ଓ ରାଜଗଣର ପ୍ରଭୁ ଓ ଗୁପ୍ତ ବିଷୟଗୁଡ଼ିକର ପ୍ରକାଶକ। କାରଣ ତୁମ୍ଭେ ଏହି ନିଗୂଢ଼ କଥା ପ୍ରକାଶ କରିପାର।” ଦାନିୟେଲ 2:47

ଏଣୁ ମୁଁ ନବୂଖଦ୍‌ନିତ୍ସର ସ୍ୱର୍ଗସ୍ଥ ରାଜାଙ୍କର ପ୍ରଶଂସା, ପ୍ରତିଷ୍ଠା ଓ ସମାଦର କରୁଅଛି, କାରଣ ତାଙ୍କର ସମସ୍ତ କ୍ରିୟା ସତ୍ୟ ଓ ତାଙ୍କର ପଥ ନ୍ୟାର୍ଯ୍ୟ; ଆଉ ଯେଉଁମାନେ ଗର୍ବାରେ ଚାଲନ୍ତି, ସେମାନଙ୍କୁ ସେ ନମ୍ର କରିବାକୁ ସକ୍ଷମ। ଦାନିୟେଲ 4:37

ସେଠାରେ ଛିଡ଼ା ହୋଇଥିବା ଲୋକମାନଙ୍କ ମଧ୍ୟରୁ ଜଣକ ନିକଟକୁ ଯାଇ ଏସବୁର ସତ୍ୟତା ପଗ୍ଭରିଲି, ତେଣୁ ସେ ମୋତେ କହିଲେ ଏବଂ ଏସବୁର ଅର୍ଥ ବୁଝାଇଲେ। ତେବେ ମୁଁ ଚତୁର୍ଥ ପଶୁର ସତ୍ୟତା ଜାଣିବାକୁ ଚାହେଁ, ଯାହା ଅନ୍ୟ ସମସ୍ତଙ୍କଠାରୁ ଭିନ୍ନ, ଅତ୍ୟନ୍ତ ଭୟଙ୍କର ଥିଲା, ଯାହାର ଦାନ୍ତ ଲୁହାର ଥିଲା ଏବଂ ତାହାର ପିତ୍ତଳ ନଖ ଥିଲା; ସେ ଗ୍ରାସ କରୁଥିଲା, ଖଣ୍ଡ ଖଣ୍ଡ କରି ଭାଙ୍ଗି ଯାଉଥିଲା ଏବଂ ଅବଶିଷ୍ଟାଂଶକୁ ପାଦରେ ଦଳି ଦେଉଥିଲା; ଦାନିୟେଲଙ୍କ ପୁସ୍ତକ ୭:୧୬ ,୧୯

ପୁଣି, ଅପରାଧ ହେତୁ ଦୈନନ୍ଦିନ ବଳିଦାନ ବିରୁଦ୍ଧରେ ତାଙ୍କୁ ଏକ ସୈନ୍ୟଦଳ ସମର୍ପିତ କରାଗଲା, ଆଉ ତାହା ସତ୍ୟକୁ ଭୂମିରେ ପକାଇ ଦେଲା; ଏବଂ ତାହା କାର୍ଯ୍ୟ କଲା ଓ ସଫଳ ହେଲା। ଦାନିୟେଲଙ୍କ ପୁସ୍ତକ 8:12

ମୋଶାଙ୍କ ବ୍ୟବସ୍ଥାନୁସାରେ ଏହିସବୁ ଅମଙ୍ଗଳ ଆମ୍ଭମାନଙ୍କ ପ୍ରତି ଘଟିଅଛି। ତଥାପି ଆମ୍ଭେମାନେ ସଦାପ୍ରଭୁଙ୍କର ଅନୁଗ୍ରହ ଭିକ୍ଷା କରିନାହୁଁ କି ପାପରୁ ବିରତ ହୋଇ ନାହୁଁ ଓ ତାଙ୍କର ସତ୍ୟତା ପ୍ରତି ଧ୍ୟାନ ଦେଇନାହୁଁ। ଦାନିୟେଲଙ୍କ ପୁସ୍ତକ 9:13

କିନ୍ତୁ ସତ୍ୟ ପୁସ୍ତକରେ ଯାହା ଲିଖିତ ଅଛି, ତାହା ମୁଁ ତୁମ୍ଭକୁ ଜଣାଇବି। କେବଳ ମୀଖାୟେଲ ମୋ' ସହିତ ଅଛନ୍ତି, କେବଳ ତୁମ୍ଭର ରାଜକୁମାର ମୀଖାୟେଲ। ଦାନିୟେଲ 10:21

"ବର୍ତ୍ତମାନ, ମୁଁ ତୁମ୍ଭକୁ ସତ୍ୟ କଥା ଜଣାଇବି। ଦେଖ, ପାରସ୍ୟରେ ଆଉ ତିନି ରାଜା ଜନ୍ମ ନବେେ। ଏବଂ ଚତୁର୍ଥ ରାଜା ସମାନଙ୍କେ ଅପେକ୍ଷା ବହୁତ ଧନୀ ହବେ। ଆଉ ଆପଣା ଧନ ରେ ବଳବାନ ହାଇେ ଗ୍ରୀସ୍ ରାଜ୍ୟ ବିରୁଦ୍ଧ ରେ ସମସ୍ତଙ୍କୁ ଉତ୍ତଜେିତ କରିବ।" ଦାନିୟେଲଙ୍କ ପୁସ୍ତକ 11:2

ହେ ଇସ୍ରାଏଲର ସନ୍ତାନଗଣ, ତୁମ୍ଭେମାନେ ସଦାପ୍ରଭୁଙ୍କର ବାକ୍ୟ ଶୁଣ, କାରଣ ଏହି ଦେଶ ନିବାସୀମାନଙ୍କ ସହିତ ସଦାପ୍ରଭୁଙ୍କର ଏକ ବିବାଦ ଅଛି, କାରଣ ଏହି ଦେଶରେ ସତ୍ୟତା, ଦୟା, କିଅବା ପରମେଶ୍ୱରଙ୍କ ବିଷୟରେ ଜ୍ଞାନ ନାହିଁ। ହୋଶେୟ 4:1

ତୁମ୍ଭେ ଯାକୁବ ପ୍ରତି ସତ୍ୟତା ଓ ଅବ୍ରହାମ ପ୍ରତି ଦୟା ପ୍ରଦର୍ଶନ କରିବ, ଯାହା ତୁମ୍ଭେ ବହୁକାଳରୁ ଆମ୍ଭ ପୂର୍ବପୁରୁଷମାନଙ୍କ ନିକଟରେ ଶପଥ କରିଥିଲ। ମୀଖା 7:20

ସଦାପ୍ରଭୁ କୁହନ୍ତି, "ଆମ୍ଭେ ସିୟୋନକୁ ଫେରି ଆସିଛୁ ଏବଂ ଯିରୁଶାଲମର ମଧ୍ୟରେ ବାସ କରିବା। ଯିରୁଶାଲମ 'ସତ୍ୟର ନଗରୀ' ବୋଲି କୁହାଯିବ। ସର୍ବଶକ୍ତିମାନ ସଦାପ୍ରଭୁଙ୍କର ପର୍ବତକୁ ପବିତ୍ର ପର୍ବତ ବୋଲି କୁହାଯିବ।" ଆମ୍ଭେ ସେମାନଙ୍କୁ ଏଠାକୁ ଫେରାଇ ଆଣିବା ଏବଂ ସେମାନେ ଯିରୁଶାଲମ ମଧ୍ୟରେ ବାସ କରିବେ। ସେମାନେ ଆମ୍ଭର ଲୋକ ହେବେ ଏବଂ ଆମ୍ଭେ ସେମାନଙ୍କର ବିଶ୍ୱସ୍ତ ଏବଂ ଧାର୍ମିକତାରେ ପରମେଶ୍ୱର ହେବା।" ତୁମ୍ଭେମାନେ ଏହିସବୁ କର୍ମ କରିବ; ତୁମ୍ଭେମାନେ ପ୍ରତ୍ୟେକେ ଆପଣା ଆପଣା ପ୍ରତିବାସୀକୁ ସତ୍ୟ କୁହ, ଆପଣା ଆପଣା ନଗରଦ୍ୱାରମାନଙ୍କରେ ସତ୍ୟ ଏବଂ ଶାନ୍ତିର ବିଚାର କର। ସୈନ୍ୟାଧିପତି ସଦାପ୍ରଭୁ ଏହି କଥା କହନ୍ତି, "ଚତୁର୍ଥ ମାସର ଉପବାସ, ପଞ୍ଚମ ମାସର ଉପବାସ, ସପ୍ତମ ମାସର ଉପବାସ, ଦଶମ ମାସର ଉପବାସ ଯିହୁଦା ବଂଶ ପାଇଁ ଆନନ୍ଦ, ଉଲ୍ଲାସ, ଏବଂ ଉଲ୍ଲାସର ପର୍ବ ହେବ; ତେଣୁ ସତ୍ୟ ଓ ଶାନ୍ତିକୁ ପ୍ରେମ କର।" ଜିଖରିୟ ୮:୩ ,୮,୧୬,୧୯

ତାଙ୍କ ମୁଖରେ ସତ୍ୟବାଣୀ ଥିଲା, ଏବଂ ତାଙ୍କ ଓଷ୍ଠରେ କୌଣସି ଅଧର୍ମ ନଥିଲା। ସେ ଶାନ୍ତି ଓ ଧାର୍ମିକତାର ସହିତ ମୋ' ସହିତ ଚଲୁଥିଲେ। ସେ ଅନେକଙ୍କୁ ପାପରୁ ଫେରାଇ ଆଣିଥିଲେ। ମଲାଖି 2:6

ସୁସମାଚାର ଏବଂ କାର୍ଯ୍ୟର ବିବରଣ

ଯେଉଁମାନେ ଡଙ୍ଗା ଉପରେ ଥିଲେ, ସେମାନେ ଯୀଶୁଙ୍କୁ ପ୍ରଣାମ କଲେ ଓ କହିଲେ, "ପ୍ରକୃତରେ ତୁମ୍ଭେ ପରମେଶ୍ୱରଙ୍କ ପୁତ୍ର।" ମାଥିଉ ୧୪:୩୩

ତା'ପରେ ସ୍ତ୍ରୀ ଲୋକଟି କହିଲା, "ହଁ ପ୍ରଭୁ, ଏହା ସତ୍ୟ, କିନ୍ତୁ ସମାନଙ୍କେ ମାଲିକମାନଙ୍କର ଖାଇବା ଟେବୁଲ ଉପରୁ ଖସି ପଡୁଥିବା ଖାଦ୍ୟ କଣିକାସବୁ କୁକୁରଗୁଡ଼ୁକ ଖାଇଥାନ୍ତି।" ମାଥିଉ ୧୫:୨୭

ସେମାନେ କେତେକ ହେରୋଦୀୟ ମାନଙ୍କ ସହିତ ନିଜର କେତେକ ଶିଷ୍ୟଙ୍କୁ ଯୀଶୁଙ୍କ ପାଖକୁ ପଠାଇଲେ। ସେମାନେ ଯାଇ କହିଲେ, "ହେ ଗୁରୁ, ଆମ୍ଭେ ଜାଣୁ ଯେ ତୁମ୍ଭେ ଜଣେ ନିଷ୍ଠାବାନ ଲୋକ। ତୁମ୍ଭେ ପରମେଶ୍ୱରଙ୍କ ପଥ ବିଷୟରେ ସତ୍ୟ ଶିକ୍ଷା ଦେଉଛ। ତୁମ୍ଭେ କାହାକୁ ଚିନ୍ତା କର ନାହିଁ। କାରଣ ତୁମ୍ଭେ ମନୁଷ୍ୟର ମୁହଁରୁ ମୁହଁ ମାନି ନାହଁ।" ମାଥିଉ ଲିଖିତ ସୁସମାଗ୍ଭର 22:16

ସେହି ସ୍ତ୍ରୀ ଲୋକଟି ନିଜ ଶରୀରର କ'ଣ ହୋଇଛି ତାହା ଜାଣି ଭୟରେ ଥରି ଥରି ଆସି ଯୀଶୁଙ୍କ ପାଦ ତଳେ ପଡ଼ିଗଲା। ସେ ସବୁ ସତ୍ୟ କଥା କହିଲା। ମାର୍କ ଲିଖିତ ସୁସମାଗ୍ଭର 5:33

ଫାରୂଶୀ ଓ ହେରୋଦୀୟମାନେ ଯୀଶୁଙ୍କ ପାଖକୁ ଯାଇ କହିଲେ, "ଗୁରୁ, ଆମ୍ଭେମାନେ ଜାଣିଛୁ ଯେ, ତୁମ୍ଭେ ବହୁତ ଭଲ ଲୋକ। ଅନ୍ୟମାନେ ତୁମ୍ଭ ବିଷୟରେ କ'ଣ ଚିନ୍ତା କର? ତୁମ୍ଭେ ପ୍ରତ୍ୟେକ ଲୋକର ମୁହଁକୁ ଚିନ୍ତା କର ନାହିଁ। ତୁମ୍ଭେ ପରମେଶ୍ୱରଙ୍କ ମାର୍ଗ ବିଷୟରେ ସତ୍ୟ ଉପଦେଶ ଦେଉଛ। କାଇସରଙ୍କୁ କର ଦେବା ଉଚିତ୍ କି ନୁହେଁ?" ମାର୍କ ଲିଖିତ ସୁସମାଗ୍ଭର 12:14

ସେଥିରେ ଶାସ୍ତ୍ରୀ ତାହାଙ୍କୁ କହିଲେ, ହେ ଗୁରୁ, ଆପଣ ସତ୍ୟ କହିଅଛନ୍ତି; କାରଣ ଈଶ୍ୱର ଜଣେ; ଆଉ ତାଙ୍କ ବ୍ୟତୀତ ଆଉ କେହି ନାହିଁ; ମାର୍କ ଲିଖିତ ସୁସମାଗ୍ଭର 12:32

ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି, ଏଲିୟଙ୍କ ସମୟରେ ଇସ୍ରାଏଲରେ ଯେତେବେଳେ ତିନି ବର୍ଷ ଛଅ ମାସ ପର୍ଯ୍ୟନ୍ତ ବର୍ଷା ବନ୍ଦ ହୋଇଗଲା ଓ ସାରା ଦେଶରେ ଭୀଷଣ ଦୁର୍ଭିକ୍ଷ ପଡ଼ିଲା, ସେତେବେଳେ ଇସ୍ରାଏଲରେ ବହୁ ସଂଖ୍ୟାରେ ବିଧବା ଥିଲେ। ଲୂକ ୪:୨୫

କିନ୍ତୁ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି, ଏଠାରେ ଠିଆ ହୋଇଥିବା କେତେକ ଲୋକ ଅଛନ୍ତି, ଯେଉଁମାନେ ପରମେଶ୍ୱରଙ୍କ ରାଜ୍ୟ ଦେଖିବେ ନାହିଁ, ସେପର୍ଯ୍ୟନ୍ତ ମୃତ୍ୟୁର ଆସ୍ୱାଦନ ପାଇବେ ନାହିଁ। ଲୂକ ଲିଖିତ ସୁସମାଗ୍ଭର 9:27

ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି, ମାଲିକ ତାକୁ ତାହାଙ୍କ ସର୍ବସ୍ୱର ଦାୟିତ୍ୱରେ ରହିବା ପାଇଁ ବାଛିବେ। ଲୂକ ୧୨:୪୪

ଯୀଶୁ କହିଲେ, " ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଛି, ଏହି ଗରିବ ବିଧବାଟି ସମସ୍ତ ଅପେକ୍ଷା ବହୁତ ଅଧିକ ଦାନ ଦେଲା। ଲୂକ ଲିଖିତ ସୁସମାଗ୍ଭର 21:3

ପ୍ରାୟ ଗୋଟିଏ ଘଣ୍ଟା ପରେ ଆଉ ଜଣେ ଲୋକ ଦୃଢ଼ ଭାବରେ କହିଲା, "ଏହା ସତ୍ୟ। ଏ ଲୋକ ନିଶ୍ଚୟ ତାହାଙ୍କ ସହିତ ଥିଲା। କାରଣ ସେ ତ ଗାଲିଲୀୟ।" ଲୂକ ଲିଖିତ ସୁସମାଗ୍ଭର 22:59

ସେହି ବାକ୍ୟ ମନୁଷ୍ୟ ହେଲେ ଓ ଆମ୍ଭମାନଙ୍କ ସହିତ ବାସ କଲେ। ଏବଂ ଆମ୍ଭେ ତାହାଙ୍କ ମହିମା ଦେଖିଲୁ, ଏହି ମହିମା ପିତାଙ୍କଠାରୁ ଆଗତ ଏକମାତ୍ର ପୁତ୍ରଙ୍କର ଥିଲା। ସେହି ବାକ୍ୟ ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ଥିଲେ। ମୋଶାଙ୍କ ଦ୍ୱାରା ବ୍ୟବସ୍ଥା ଦିଆଯାଇଥିଲା, କିନ୍ତୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଅନୁଗ୍ରହ ଓ ସତ୍ୟ ମାର୍ଗ ଆସିଲା। ଯୋହନ ୧:୧୪ ,୧୭

କିନ୍ତୁ ଯେ କେହି ସତ୍ୟପଥ ଅନୁସରଣ କରେ, ସେ ଆଲୋକ ନିକଟକୁ ଆସେ। ଯୋହନ 3:21

ଏପରି ସମୟ ଆସୁଛି, େଯେତେବେଳ ପ୍ରକୃତ ଉପାସକମାେନ ପରମପିତାଙ୍କୁ ଆତ୍ମା ଓ ସତ୍ୟ େର ଉପାସନା କରିେବ। େସହି ସମୟ ବର୍ତ୍ତମାନ ଉପସ୍ଥିତ। ପରମେଶ୍ୱର ଆତ୍ମା, ଏବଂ ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ସେମାନେ ଆତ୍ମା ଓ ସତ୍ୟରେ ତାହାଙ୍କର ଉପାସନା କରିବା ଉଚିତ। ଯୋହନ ୪:୨୩ -୨୪

ତୁମ୍ଭେମାନେ ଯୋହନଙ୍କ ପାଖକୁ ଲୋକ ପଠାଇଲ ଓ ସେ ସତ୍ୟ ସପକ୍ଷରେ ସାକ୍ଷ୍ୟ ଦେଇଛନ୍ତି। ଯୋହନ ଲିଖିତ ସୁସମାଗ୍ଭର 5:33

ଯୀଶୁଙ୍କର ଏହି ଆଶ୍ଚର୍ଯ୍ୟକାର୍ଯ୍ୟ ଦେଖି ଲୋକମାନେ କହିଲେ, "ସେ ନିଶ୍ଚୟ ଜଣେ ଭବିଷ୍ୟଦ୍ୱକ୍ତା, ଯିଏ କି ଏହି ଜଗତକୁ ଆସିଛନ୍ତି।" ଯୋହନ ଲିଖିତ ସୁସମାଗ୍ଭର 6:14

ଯୀଶୁଙ୍କ ଏହି କଥା ଶୁଣି େଲାକମାେନ କହିେଲ, "ଏହି େଲାକ ପ୍ରକୃତ େର େସହି ଭବିଷ୍ୟଦ୍ୱକ୍ତା।" ଯୋହନ ଲିଖିତ ସୁସମାଗ୍ଭର 7:40

ତୁମ୍େଭ ସତ୍ୟକୁ ଜାଣିବ ଓ େସହି ସତ୍ୟ ତୁମକୁ ମୁକ୍ତ କରିବ। ମୁଁ ତୁମ୍ଭକୁ ପରେମଶ୍ୱରଙ୍କଠାରୁ ଶୁଣିଥିବା ସତ୍ୟ କଥା କହୁଛି। କିନ୍ତୁ ତୁମ୍େଭମାେନ େମାେତ ହତ୍ୟା କରିବା ପାଇଁ େଚେଷ୍ଟା କରୁଛ। ଅବ୍ରାହାମ କିନ୍ତୁ େସପରି କିଛି କରି ନ ଥିେଲ। ତୁମ୍ଭେମାନେ ତୁମ୍ଭମାନଙ୍କ ପିତା ଶୟତାନର ଅଟ, ଏବଂ ତୁମ୍ଭେମାନେ ତୁମ୍ଭମାନଙ୍କ ପିତାର ଇଚ୍ଛା ପୂରଣ କରିବ। ସେ ଆରମ୍ଭରୁ ଜଣେ ହତ୍ୟାକାରୀ ଥିଲା, ଏବଂ ସତ୍ୟରେ ରହିଲା ନାହିଁ, କାରଣ ତା' ଭିତରେ କୌଣସି ସତ୍ୟ ନାହିଁ। ଯେତେବେଳେ ସେ ମିଥ୍ୟା କହେ, ସେ ନିଜ କଥା କହେ; କାରଣ ସେ ମିଥ୍ୟାବାଦୀ ଏବଂ ଏହାର ପିତା। ମୁଁ ସତ୍ୟ କ େହ। େସଥିପାଇଁ ତୁମ୍େଭ େମାେତ ବିଶ୍ୱାସ କରୁନାହିଁ। ତୁମ୍ଭମାନଙ୍କ ମଧ୍ୟରୁ କିଏ େମାେତ ପାପ ପାଇଁ ପ୍ରମାଣ ଦେଉଛି? ଯଦି ମୁଁ ସତ୍ୟ କ େହ, େତେବ େମାେତ କାହିଁକି ବିଶ୍ୱାସ କରୁନାହଁ? ଯୋହନ ୮:୩୨ ,୪୦,୪୪-୪୬

ଯୀଶୁ ଉତ୍ତର ଦେେଲ, " ମୁଁ ପଥ, ମୁଁ ସତ୍ୟ ଓ ଜୀବନ। େମା ଦ୍ୱାରା ଆସିେବ କେବଳ େକହି ପରମପିତାଙ୍କ ପାଖକୁ ଯାଆନ୍ତି ନାହିଁ।" ଯୋହନ ଲିଖିତ ସୁସମାଗ୍ଭର 14:6

େସହି ସାହାଯ୍ୟକାରୀ ଜଣକ ସତ୍ୟମୟ ଆତ୍ମା। ଜଗତ ତାହାଙ୍କୁ ଗ୍ରହଣ କରି ପାରିବ ନାହିଁ, କାରଣ ଜଗତ ତାହାଙ୍କୁ େଦଖୁନାହିଁ ବା ଜାଣି ନାହିଁ। କିନ୍ତୁ ତୁମ୍େଭ ତାହାଙ୍କୁ ଜାଣିଛ। କାରଣ େସ ତୁମ୍ଭ ସହିତ ରୁହନ୍ତି ଓ ତୁମ୍ଭ ହୃଦୟ େର ରହିବେ। ଯୋହନ ୧୪:୧୭

କିନ୍ତୁ ଯେତେବେଳେ ମୁଁ ପରମପିତାଙ୍କ ପାଖରୁ ତୁମ୍ଭମାନଙ୍କ ନିକଟକୁ ସେହି ସାହାଯ୍ୟକାରୀଙ୍କୁ ପଠାଇବି, ସେହି ସତ୍ୟମୟ ଆତ୍ମା ଆସିବେ, ସେ ମୋ' ବିଷୟରେ ସାକ୍ଷ୍ୟ ଦେବେ। ଯୋହନ ୧୫:୨୬

କିନ୍ତୁ ମୁଁ ତୁମ୍ଭକୁ ସତ୍ୟ କହୁଛି, ମୋର ଯିବା ତୁମ୍ଭମାନଙ୍କ ପାଇଁ ମଙ୍ଗଳଜନକ, କାରଣ ମୁଁ ନ ଗଲେ, ସାନ୍ତ୍ୱନାଦାତା ତୁମ୍ଭମାନଙ୍କ ପାଖକୁ ଆସିବେ ନାହିଁ। କିନ୍ତୁ ମୁଁ ଗଲେ, ମୁଁ ତାହାଙ୍କୁ ତୁମ୍ଭମାନଙ୍କ ନିକଟକୁ ପଠାଇବି। କିନ୍ତୁ ଯେତେବେଳେ ସେ, ସତ୍ୟମୟ ଆତ୍ମା ଆସିବେ, ସେତେବେଳେ ସେ ତୁମକୁ ସମସ୍ତ ସତ୍ୟରେ କଢ଼ାଇ ନେବେ, କାରଣ ସେ ଆପଣାଠାରୁ କହିବେ ନାହିଁ, ମାତ୍ର ଯାହା ଶୁଣିବେ, ତାହା କହିବେ, ଏବଂ ସେ ତୁମକୁ ଆଗାମୀ ଘଟଣା ବିଷୟରେ କହିବେ। ଯୋହନ ୧୬:୭ , ୧୩

ତୁମ୍ଭର ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର। ତୁମ୍ଭର ବାକ୍ୟ ହିଁ ସତ୍ୟ। ଏବଂ େସମାନଙ୍କ ପାଇଁ ମୁଁ ନିଜକୁ ପବିତ୍ର କରୁଛି, େଯପରି େସମାେନ ମଧ୍ୟ ସତ୍ୟ ଦ୍ୱାରା ପବିତ୍ର ହୁଅନ୍ତି। ଯୋହନ ୧୭:୧୭ ,୧୯

ପୀଲାତ ଯୀଶୁଙ୍କୁ ପଚାରିଲେ, "ତେବେ ତୁମେ ଜଣେ ରାଜା କି?" ଯୀଶୁ ଉତ୍ତର ଦେଲେ, " ତୁମ୍ଭେ କହୁଛ ଯେ ମୁଁ ଜଣେ ରାଜା। ମୁଁ ଏହି ପାଇଁ ଜନ୍ମ ହୋଇଥିଲି ଏବଂ ସତ୍ୟର ସାକ୍ଷ୍ୟ ଦେବା ପାଇଁ ମୁଁ ଜଗତକୁ ଆସିଛି। ସତ୍ୟର ପ୍ରତ୍ୟେକ ଲୋକ ମୋ କଥା ଶୁଣେ।" ପୀଲାତ ପଚାରିେଲ, "ସତ୍ୟ କ'ଣ?" ଏହା କହି େସ ପୁଣି ଯିହୂଦୀମାନଙ୍କ ପାଖକୁ ଗେଲ। ପୀଲାତ କହିେଲ, "ମୁଁ ଏହି େଲାକଠା େର େକୗଣସି େଦାଷ ପାଉନାହିଁ।" ଯୋହନ ୧୮:୩୭ -୩୭

ଏହା ସତ୍ୟ ଯେ ହେରୋଦ, ପନ୍ତିୟ ପୀଲାତ, ଅନ୍ୟ ଦେଶୀୟମାନେ ଓ ଇସ୍ରାଏଲୀୟ ଲୋକମାନେ ମିଳିତ ହୋଇ ଏହି ସଭାରେ ଉପସ୍ଥିତ ହେଲେ। ପ୍ରେରିତମାନଙ୍କ କାର୍ଯ୍ୟର ବିବରଣ 4:27

ସେଥିରେ ପିତର ମୁହଁ ଖୋଲି କହିଲେ, ମୁଁ ସତ୍ୟ ବୁଝିପାରୁଛି, ପରମେଶ୍ୱର କାହାକୁ ପକ୍ଷପାତି ଦିଅନ୍ତି ନାହିଁ। ପ୍ରେରିତମାନଙ୍କ କାର୍ଯ୍ୟର ବିବରଣ 10:34

ପାଉଲ ଏହା ଶୁଣି କହିେଲ, " େହ ମହାମାନ୍ୟ ଫେଷ୍ଟ, ମୁଁ ପାଗଳ ନୁେହଁ। ମୁଁ ସତ୍ୟ ଓ ଯୁକ୍ତିର କଥା କହୁଛି।" ପ୍ରେରିତମାନଙ୍କ କାର୍ଯ୍ୟର ବିବରଣ 26:25

ପତ୍ର

କାରଣ ଯେଉଁ ଲୋକମାନେ ଅଧର୍ମରେ ସତ୍ୟକୁ ଧରି ରଖନ୍ତି, ସେମାନଙ୍କର ସମସ୍ତ ଅଧାର୍ମିକତା ଓ ମନ୍ଦକର୍ମ ବିରୁଦ୍ଧରେ ସ୍ୱର୍ଗରୁ ପରମେଶ୍ୱରଙ୍କ କ୍ରୋଧ ପ୍ରକାଶିତ ହୁଏ; ଯେଉଁମାନେ ପରମେଶ୍ୱରଙ୍କ ସତ୍ୟକୁ ମିଥ୍ୟାରେ ପରିବର୍ତ୍ତିତ କଲେ, ଏବଂ ସୃଷ୍ଟିକର୍ତ୍ତାଙ୍କ ଅପେକ୍ଷା ସୃଷ୍ଟିର ପୂଜା ଏବଂ ସେବା କଲେ, ଯିଏ ଅନନ୍ତକାଳ ପାଇଁ ଧନ୍ୟ। ଆମେନ୍। ରୋମୀୟ ୧:୧୮ ,୨୫

କିନ୍ତୁ ଆମେ ଜାଣୁ ଯେ, ଯେଉଁମାନେ ଏପରି ମନ୍ଦକର୍ମ କରନ୍ତି, ସେମାନଙ୍କ ବିରୁଦ୍ଧରେ ପରମେଶ୍ୱରଙ୍କ ବିଚାର ସତ୍ୟ ଅନୁସାରେ ଥାଏ। କିନ୍ତୁ ଯେଉଁମାନେ ବିବାଦକାରୀ ଓ ସତ୍ୟକୁ ଅନୁସରଣ କରିବା ପାଇଁ ମନା କରନ୍ତି ଓ ଅଧର୍ମକୁ ପାଳନ କରନ୍ତି, ସେମାନଙ୍କ ପ୍ରତି କ୍ରୋଧ ଓ କ୍ରୋଧ ଆସିବ। ରୋମୀୟ ୨:୨ ,୮

ତୁମ୍େଭ ବ୍ୟବସ୍ଥା େର ଜ୍ଞାନ ଓ ସତ୍ୟର ମୂର୍ତ୍ତିପୂଜା ପାଇଛ। ତୁମ୍େଭ ମୂର୍ଖମାନଙ୍କୁ ଶିକ୍ଷକ ଓ ଶିଶୁମାନଙ୍କର ଶିକ୍ଷକ। ରୋମୀୟଙ୍କ ପ୍ରତି ପତ୍ର 2:20

ଜେଣ େଲାକ େମା ମିଛ ତାହା ଦ୍ୱାରା ପେରେମଶ୍ୱରଙ୍କ ସତ୍ୟକୁ ଅଧିକ ପ୍ରକାଶ କଲା, କାରଣ ମୁଁ ମିଛ ତାହା ପେରେମଶ୍ୱରଙ୍କୁ ମହିମା ପ୍ରଦାନ କଲା। ତା' େହେଲ େମାେତ ପାପୀ େବାଲି କାହିଁକି ବିଚ଼ାର କରାଗଲା? ରୋମୀୟଙ୍କ ପ୍ରତି ପତ୍ର 3:7

ମୁଁ ଖ୍ରୀଷ୍ଟଙ୍କଠାରେ ସତ୍ୟ କହୁଛି, ମିଛ କହୁ ନାହିଁ, ପବିତ୍ର ଆତ୍ମାଙ୍କ ପ୍ରଭାବରେ ମୋର ବିବେକ ମଧ୍ୟ ମୋର ସାକ୍ଷ୍ୟ ଦେଉଛି। ରୋମୀୟଙ୍କ ପ୍ରତି ପତ୍ର 9:1

ମୁଁ କହୁଛି ଯେ ଯୀଶୁ ଖ୍ରୀଷ୍ଟ ପରମେଶ୍ୱରଙ୍କ ସତ୍ୟ ପାଇଁ ସୁନ୍ନତ ଲୋକମାନଙ୍କର ସେବକ ଥିଲେ, ଯେପରି ସେ ପୂର୍ବପୁରୁଷମାନଙ୍କୁ ଦିଆଯାଇଥିବା ପ୍ରତିଜ୍ଞାଗୁଡ଼ିକୁ ନିଶ୍ଚିତ କରନ୍ତି। ରୋମୀୟଙ୍କ ପ୍ରତି ପତ୍ର 15:8

ଅତଏବ ଆସ, ଆମ୍ଭେମାନେ ପର୍ବ ପାଳନ କରିବା, କିନ୍ତୁ ପୁରୁଣା ଖମୀର ସହିତ କିଅବା ଦୁଷ୍ଟତା ଓ ମନ୍ଦତାର ଖମୀର ଦ୍ୱାରା ନୁହେଁ, ବରଂ ସଚ୍ଚୋଟତା ଓ ସତ୍ୟତାର ଖମୀରଶୂନ୍ୟ ରୁଟି ସହିତ। ୧ କରିନ୍ଥୀୟ 5:8

ସେ ଅଧର୍ମରେ ଆନନ୍ଦ କରେ ନାହିଁ, ମାତ୍ର ସତ୍ୟରେ ଆନନ୍ଦ କରେ। ୧ କରିନ୍ଥୀୟ ୧୩:୬

ତାହାର ହୃଦୟର ଗୁପ୍ତ ବିଷୟଗୁଡ଼ିକ ପ୍ରକାଶିତ ହେବ, ଏବଂ ସେ ମୁହଁ ମାଡ଼ି ପଡ଼ି ପରମେଶ୍ୱରଙ୍କ ଉପାସନା କରିବ ଏବଂ ସ୍ୱୀକାର କରିବ ଯେ ପରମେଶ୍ୱର ତୁମ୍ଭମାନଙ୍କ ମଧ୍ୟରେ ଅଛନ୍ତି। ୧ କରିନ୍ଥୀୟ ୧୪:୨୫

କିନ୍ତୁ ଆମେ ଗୁପ୍ତ ବିଷୟଗୁଡ଼ିକୁ ପରିତ୍ୟାଗ କରିଛୁ, ଆମେ କପଟରେ ଚାଲୁ ନାହୁଁ, କିମ୍ବା ଈଶ୍ୱରଙ୍କ ବାକ୍ୟକୁ ଛଳରେ ବ୍ୟବହାର କରୁ ନାହୁଁ, ବରଂ ସତ୍ୟ ପ୍ରକାଶ କରି ଈଶ୍ୱରଙ୍କ ସମ୍ମୁଖରେ ପ୍ରତ୍ୟେକ ମନୁଷ୍ୟର ବିବେକ ନିକଟରେ ଆପଣାକୁ ଯୋଗ୍ୟ କରୁଅଛୁ । 2 କରିନ୍ଥୀୟ 4:2

ସତ୍ୟ ବାକ୍ୟ ଦ୍ୱାରା, ପରମେଶ୍ୱରଙ୍କ ଶକ୍ତିରେ, ଡାହାଣ ଏବଂ ବାମ ପାର୍ଶ୍ୱରେ ଧାର୍ମିକତାର ଅସ୍ତ୍ରଶସ୍ତ୍ର ଦ୍ୱାରା, ଦ୍ୱିତୀୟ କରିନ୍ଥୀୟଙ୍କ ପ୍ରତି ପତ୍ର 6:7

କାରଣ ଯଦି ମୁଁ ତାହାଙ୍କୁ ତୁମ୍ଭମାନଙ୍କ ବିଷୟରେ କୌଣସି ବିଷୟରେ ଦର୍ପ କରିଥିଲି, ତେବେ ମୁଁ ଲଜ୍ଜିତ ନୁହେଁ, ବରଂ ଯେପରି ଆମ୍ଭେମାନେ ତୁମ୍ଭମାନଙ୍କୁ ସମସ୍ତ ବିଷୟରେ ସତ୍ୟ କହିଥିଲୁ, ସେହିପରି ତୀତସଙ୍କ ସମ୍ମୁଖରେ ମୁଁ ଯେଉଁ ଦର୍ପ କରିଥିଲି, ତାହା ସତ୍ୟ ବୋଲି ପ୍ରମାଣିତ ହୋଇଛି। ଦ୍ୱିତୀୟ କରିନ୍ଥୀୟ 7:14

ଖ୍ରୀଷ୍ଟଙ୍କ ସତ୍ୟ ମୋ'ଠାରେ ଅଛି, ତେଣୁ ଆଖାୟାର ସମସ୍ତ ଅଞ୍ଚଳମାନଙ୍କରେ ମୋତେ ଏହି ଗର୍ବ କରିବାରୁ କେହି ଅଟକାଇ ପାରିବେ ନାହିଁ। ୨ କରିନ୍ଥୀୟ ୧୧:୧୦

ଯଦିଓ ମୁଁ ଗର୍ବ କରିବାକୁ ଇଚ୍ଛା କେର, ତଥାପି ମୁଁ ମୂର୍ଖ ହେବି ନାହିଁ, କାରଣ ମୁଁ ସତ୍ୟ କହିବି। କିନ୍ତୁ ମୁଁ ଏବେ କ୍ଷାନ୍ତ ଅଛି, କାରଣ କେହି ମୋତେ ଯାହା ଦେଖିଛି କିମ୍ବା ମୋଠାରୁ ଯାହା ଶୁଣିଛି ତା ଠାରୁ ଅଧିକ ମୋତେ ଭାବ ନାହିଁ। ଦ୍ୱିତୀୟ କରିନ୍ଥୀୟ 12:6

ଆମ୍ଭେ ସତ୍ୟ ବିରୁଦ୍ଧରେ କିଛି କରିପାରିବା ନାହିଁ, କେବଳ ସତ୍ୟ ପାଇଁ କରି ପାରିବା। ଦ୍ୱିତୀୟ କରିନ୍ଥୀୟ 13:8

ଆମ୍ଭେ ସେମାନଙ୍କୁ ବନ୍ଦୀ କରିଥିଲୁ, ଗୋଟିଏ ଘଣ୍ଟା ପାଇଁ ନୁହେଁ, ଯେପରି ସୁସମାଚାରର ସତ୍ୟ ତୁମ୍ଭମାନଙ୍କ ପାଖରେ ରହିପାରିବ। ଗାଲାତୀୟଙ୍କ ପ୍ରତି ପତ୍ର 2:5

କିନ୍ତୁ ଯେତେବେଳେ ମୁଁ ଦେଖିଲି ଯେ ସେମାନେ ସୁସମାଚାରର ସତ୍ୟ ଅନୁସାରେ ସରଳ ଭାବରେ ଜୀବନଯାପନ କରୁନାହାଁନ୍ତି, ମୁଁ ସମସ୍ତଙ୍କ ସମ୍ମୁଖରେ ପିତରଙ୍କୁ କହିଲି, "ତୁମେ ଯଦି ଜଣେ ଯିହୂଦୀ ହୋଇ ଅଣଯିହୂଦୀମାନଙ୍କ ପରି ଜୀବନଯାପନ କରୁଛ, ଏବଂ ଯିହୂଦୀମାନଙ୍କ ପରି ଜୀବନଯାପନ କରୁଛ, ତେବେ କାହିଁକି ତୁମେ ଅଣଯିହୂଦୀମାନଙ୍କୁ ଯିହୂଦୀମାନଙ୍କ ପରି ଜୀବନଯାପନ କରିବାକୁ ବାଧ କରୁଛ?" ଗାଲାତୀୟ 2:14

ହେ ମୂର୍ଖ ଗାଲାତୀୟମାନେ! ଯୀଶୁଖ୍ରୀଷ୍ଟଙ୍କୁ ତୁମ୍ଭମାନଙ୍କ ମଧ୍ୟରେ କ୍ରୁଶରେ ଚଢ଼ାଇ ଦିଆଯାଇଥିଲା, ଏହା ସ୍ପଷ୍ଟ ଭାବରେ ଦେଖାଯାଉ। କିନ୍ତୁ ତୁମ୍ଭେମାନେ ସତ୍ୟକୁ ପାଳନ ନ କରିବା ପାଇଁ କିଏ ତୁମ୍ଭମାନଙ୍କୁ ବିଭ୍ରାନ୍ତ କରିଥିଲା? ଗାଲାତୀୟଙ୍କ ପ୍ରତି ପତ୍ର 3:1

କିନ୍ତୁ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଥିବାରୁ କ'ଣ ତୁମ୍ଭମାନଙ୍କ ଶତ୍ରୁ ହୋଇଗଲି? ଗାଲାତୀୟଙ୍କ ପ୍ରତି ପତ୍ର 4:16

16 ତୁମ୍ଭେମାନେ ଭଲ ଭାବେର ଦୌଡୁଥିଲ, କିନ୍ତୁ ତୁମ୍ଭମାନଙ୍କୁ ସତ୍ୟ ଅନୁସରଣ ନ କରିବା ରେ କିଏ ବାଧା ଦେଲା ? ଗାଲାତୀୟଙ୍କ ପ୍ରତି ପତ୍ର 5:7

ସତ୍ୟ ବାକ୍ୟ, ତୁମ୍ଭମାନଙ୍କ ପରିତ୍ରାଣର ସୁସମାଚାର ଶୁଣିଲା ପରେ ତୁମ୍ଭେମାନେ ତାହାଙ୍କଠାରେ ବିଶ୍ୱାସ କରିଥିଲ; ବିଶ୍ୱାସ କରି ସାରିଲା ପରେ, ପ୍ରତିଜ୍ଞାର ପବିତ୍ର ଆତ୍ମା ଦ୍ୱାରା ତୁମ୍ଭେମାନେ ମୁଦ୍ରାଙ୍କିତ ହୋଇଥିଲ; ଏଫିସୀୟ ୧:୧୩

କିନ୍ତୁ ପ୍ ରେମ ସହକା ରେ ସତ୍ୟ କହିବା। ଆମ୍ଭେ ପ୍ରେତ୍ୟକକ ବିଷୟ ରେ ଖ୍ରୀଷ୍ଟଙ୍କ ଭଳି ବୃଦ୍ଧି ପାଇବା ଉଚିତ୍। ଯଦି ତୁମେ ତାହାଙ୍କୁ ଶୁଣିଛ ଏବଂ ଯୀଶୁଙ୍କଠାରେ ଥିବା ସତ୍ୟ ଅନୁସାରେ ତାହାଙ୍କ ଦ୍ୱାରା ଶିକ୍ଷା ପାଇଛ, ତେବେ ତାହା ସତ୍ୟ। ଅତଏବ, ମିଛ କହିବା ବନ୍ଦ କର। ସର୍ବଦା ପରସ୍ପରକୁ ସତ୍ୟ କୁହ, କାରଣ ଆମ୍ଭେ ସମସ୍ତେ ଗୋଟିଏ ଦେହର ଅଙ୍ଗପ୍ରତ୍ୟଙ୍ଗ ଅଟୁ। ଏଫିସୀୟ ୪:୧୫ ,୨୧,୨୫

(କାରଣ ପବିତ୍ର ଆତ୍ମାଙ୍କର ଫଳ ସମସ୍ତ ପ୍ରକାରର ଭଲତା, ଧାର୍ମିକତା ଓ ସତ୍ୟରେ ଥାଏ;) ଏଫିସୀୟଙ୍କ ପ୍ରତି ପତ୍ର 5:9

ଅତଏବ, ଅଣ୍ଟା ରେ ସତ୍ୟର କଟିବନ୍ଧ ବାନ୍ଧି, ଧାର୍ମିକ ଜୀବନର ବୁକୁପଟା ପିନ୍ଧ। ଏଫିସୀୟଙ୍କ ପ୍ରତି ପତ୍ର 6:14

ତେବେ କ'ଣ? କିନ୍ତୁ ପ୍ରଗ୍ଭର ହେଉଛି, ପ୍ରଗ୍ଭରଟି ସବୁ ପ୍ରକାରେ ହେଉ, ପ୍ରଗ୍ଭରଟି ହେଉଛି ମନ୍ଦ ଭାବରେ ହେଉ ବା ନୂଆ କଥାରେ ହେଉ, ଯୀଶୁଙ୍କ ପ୍ରଚାରଟି ହେଉଛି, ଏବଂ ମୁଁ ଏଥିରେ ଆନନ୍ଦିତ, ହଁ, ଆଉ ମୁଁ ଆନନ୍ଦିତ ହେବି। ଫିଲିପ୍ପୀୟଙ୍କ ପ୍ରତି ପତ୍ର 1:18

ତୁମ୍ଭ ପାଇଁ ସ୍ୱର୍ଗ ରେ ଏକ ଆଶା ସୁରକ୍ଷିତ ଅଛି। ଏହି ଭରସା ବିଷୟ ରେ ତୁମ୍ଭେମାନେ ପୂର୍ବରୁ ସୁସମାଚାରର ସତ୍ୟ ଶିକ୍ଷା ଦ୍ୱାରା ଶୁଣିଛ। ଯେଉଁ ଦିନଠାରୁ ତୁମ୍ଭେମାନେ ଶୁଣିଲ ଓ ସତ୍ୟରେ ପରମେଶ୍ୱରଙ୍କ ଅନୁଗ୍ରହ ଜାଣିଲ, ସେହି ଦିନଠାରୁ ତାହା ତୁମ୍ଭମାନଙ୍କ ପ୍ରତି ଯେପରି ଫଳ ଉତ୍ପନ୍ନ କରୁଅଛି, ସେହିପରି ସମଗ୍ର ଜଗତରେ ତାହା ତୁମ୍ଭମାନଙ୍କ ପ୍ରତି ମଧ ଫଳ ଉତ୍ପନ୍ନ କରୁଅଛି। କଲସୀୟ ୧:୫ -୬

ଏହି କାରଣରୁ, ଆମ୍ଭେ ପରମେଶ୍ୱରଙ୍କୁ ସର୍ବଦା ଧନ୍ୟବାଦ ଦେଉଛୁ। ଯେତେବେଳେ ତୁମ୍ଭେମାନେ ଆମ୍ଭମାନଙ୍କଠାରୁ ଶୁଣିଥିବା ପରମେଶ୍ୱରଙ୍କ ଶିକ୍ଷାକୁ ମଣିଷର ଶିକ୍ଷା ଭାବରେ ଗ୍ରହଣ କରିଥିଲ, ସେତେବେଳେ ତୁମ୍ଭେମାନେ ତାହା ମଣିଷର ଶିକ୍ଷା ନୁହେଁ ବରଂ ପରମେଶ୍ୱରଙ୍କ ଶିକ୍ଷା ଭାବରେ ଗ୍ରହଣ କରିଥିଲ। ଏହା ସତ୍ୟ। ଏହା ତୁମ୍ଭମାନଙ୍କ ବିଶ୍ୱାସୀମାନଙ୍କଠାରେ କାର୍ଯ୍ୟ କରୁଛି। ୧ ଥେସଲନୀକୀୟଙ୍କ ପ୍ରତି ପତ୍ର 2:13

ଏବଂ ଯେଉଁମାନେ ନଷ୍ଟ ହୋଇଯାଆନ୍ତି, ସେମାନଙ୍କଠାରେ ମନ୍ଦତାର ସମସ୍ତ ପ୍ରକାରର ପ୍ରବଞ୍ଚନା ସହିତ; କାରଣ ସେମାନେ ସତ୍ୟକୁ ପ୍ରେମ କରି ନ ଥିଲେ, ଯାହା ଦ୍ୱାରା ସେମାନେ ପରିତ୍ରାଣ ପାଇପାରିବେ । ଯେପରି ଯେଉଁମାନେ ସତ୍ୟକୁ ବିଶ୍ୱାସ କରି ନ ଥିଲେ, କିନ୍ତୁ ମନ୍ଦରେ ଆନନ୍ଦ କରୁଥିଲେ, ସେମାନେ ସମସ୍ତେ ଦଣ୍ଡିତ ହୁଅନ୍ତି। କିନ୍ତୁ ପ୍ରଭୁଙ୍କ ପ୍ରିୟ ଭାଇମାନେ, ତୁମ୍ଭମାନଙ୍କ ପାଇଁ ଆମ୍ଭେ ସର୍ବଦା ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଇବାକୁ ବାଧ୍ୟ। କାରଣ ପରମେଶ୍ୱର ଆରମ୍ଭରୁ ଆତ୍ମାଙ୍କ ପବିତ୍ରତା ଏବଂ ସତ୍ୟର ବିଶ୍ୱାସ ଦ୍ୱାରା ପରିତ୍ରାଣ ପାଇଁ ତୁମ୍ଭମାନଙ୍କୁ ବାଛିଛନ୍ତି। ୨ ଥେସଲନୀକୀୟ ୨:୧୦ ,୧୨-୧୩

ପରେମଶ୍ୱର ଚାହାଁନ୍ତି ଯେ ସମସ୍ତେ ଉଦ୍ଧାର ପାଆନ୍ତୁ ଓ ସତ୍ୟକୁ ଜାଣନ୍ତୁ। ମୁଁ ତାଙ୍କୁ ପ୍ରଚାରକ ଓ ପ୍ରେରିତ ଭାବରେ ନିଯୁକ୍ତ କରିଥିଲି। ମୁଁ ମିଛ କହୁ ନାହିଁ, ମୁଁ ଖ୍ରୀଷ୍ଟଙ୍କଠାରେ ସତ୍ୟ କହୁଛି। ମୁଁ ଅଣଯିହୁଦୀମାନଙ୍କର ବିଶ୍ୱାସ ଓ ସତ୍ୟର ଶିକ୍ଷକ ହେବା ପାଇଁ ମୋତେ ନିଯୁକ୍ତ କରିଥିଲି। ୧ ତୀମଥି ୨:୪ ,୭

କିନ୍ତୁ ଯଦି ମୁଁ ଶୀଘ୍ର ବିଳମ୍ବ କରେ, ତେବେ ତୁମେ ଜାଣିପାରିବ ଯେ ପରମେଶ୍ୱରଙ୍କ ପରିବାରରେ କ'ଣ ଆଚରଣ କରିବାକୁ ପଡିବ। ଏହା ଜୀବିତ ପରମେଶ୍ୱରଙ୍କର ମଣ୍ଡଳୀ, ସତ୍ୟର ସ୍ତମ୍ଭ ଏବଂ ମୂଳଦୁଆ। ୧ ତୀମଥିଙ୍କ ପ୍ରତି ପତ୍ର 3:15

କିନ୍ତୁ ଯେଉଁମାନେ ବିଶ୍ୱାସୀ ଏବଂ ସତ୍ୟକୁ ଜାଣନ୍ତି, ସେମାନେ ଧନ୍ୟବାଦ ଦେଇ ଗ୍ରହଣ କରିବାକୁ ପରମେଶ୍ୱର ସୃଷ୍ଟି କରିଥିବା ଖାଦ୍ୟଗୁଡ଼ିକୁ ଆମ୍ଭେମାନେ ଖାଇପାରିବୁ। ୧ ତୀମଥିଙ୍କ ପ୍ରତି ପତ୍ର 4:3

ମନ୍ଦ ମନ ଥିବା ଓ ସତ୍ୟରୁ ବଞ୍ଚିତ ଥିବା ଲୋକଙ୍କର ବିପରୀତ ଯୁକ୍ତିତର୍କ। ସେମାନେ ବିଶ୍ୱାସ କରନ୍ତି ଯେ ଲାଭ ପାଇବା ଦ୍ୱାରା ପରମେଶ୍ୱରଙ୍କ ସେବା ହୁଏ। ତେଣୁ ସେମାନଙ୍କଠାରୁ ନିଜକୁ ଦୂରରେ ରଖ। ୧ ତୀମଥିଙ୍କ ପ୍ରତି ପତ୍ର 6:5

ନିଜକୁ ପରମେଶ୍ୱରଙ୍କ ନିକଟରେ ଅନୁମୋଦନପ୍ରାପ୍ତ ଦେଖାଇବା ପାଇଁ ଅଧ୍ୟୟନ କର, ଜଣେ ଏପରି କର୍ମୀ ଯାହାକୁ ଲଜ୍ଜିତ ହେବାକୁ ପଡ଼ିବ ନାହିଁ, ଏବଂ ସତ୍ୟର ବାକ୍ୟକୁ ସଠିକ୍ ଭାବରେ ବ୍ୟବହାର କରିବ। ୨ ତୀମଥିଙ୍କ ପ୍ରତି ପତ୍ର 2:15

ସେମାନେ ସତ୍ୟରୁ ଭୁଲ୍ ମାର୍ଗରେ ଯାଇଛନ୍ତି। ସେମାନେ କୁହନ୍ତି ଯେ ପୁନରୁତ୍ଥାନ ଘଟିସାରିଛି। ସେହି ଲୋକମାନେ କିଛି ଲୋକଙ୍କର ବିଶ୍ୱାସ ନଷ୍ଟ କରୁଛନ୍ତି। ଦ୍ୱିତୀୟ ତୀମଥିଙ୍କ ପ୍ରତି ପତ୍ର 2:18

ଯେଉଁମାନେ ବିରୋଧୀ ଅଟନ୍ତି, ସେମାନଙ୍କୁ ନମ୍ର ଭାବରେ ଶିକ୍ଷା ଦେବା, ଯଦି ପରମେଶ୍ୱର ହୁଏତ ସେମାନଙ୍କୁ ହୃଦୟ ପରିବର୍ତ୍ତନ କରିବାକୁ ସୁଯୋଗ ଦିଅନ୍ତି ଏବଂ ସତ୍ୟକୁ ଗ୍ରହଣ କରନ୍ତି; ଦ୍ୱିତୀୟ ତୀମଥିଙ୍କ ପ୍ରତି ପତ୍ର 2:25

ସବୁବେଳେ ଶିଖୁଛନ୍ତି, କିନ୍ତୁ କେବେ ସତ୍ୟର ଜ୍ଞାନ ପାଇ ପାରନ୍ତି ନାହିଁ। ଜାନ୍ନସ୍ ଓ ଜାମ୍ବ୍ରେସ୍ ଯେପରି ମୋଶାଙ୍କୁ ପ୍ରତିରୋଧ କରିଥିଲେ, ସେହିପରି ଏହି ଲୋକମାନେ ମଧ ସତ୍ୟକୁ ପ୍ରତିରୋଧ କରନ୍ତି। ଏମାନେ ମନ୍ଦ ମନର ଏବଂ ବିଶ୍ୱାସ ବିଷୟରେ ଅଗ୍ରାହ୍ୟ। ୨ ତୀମଥିଙ୍କ ପ୍ରତି ପତ୍ର 3:7 -8

ପୁଣି, ସତ୍ୟରୁ କର୍ଣ୍ଣ ଫେରାଇ ଦେବେ ଓ କାହାଣୀ ପ୍ରତି ମନ ଦେବେ। ଦ୍ୱିତୀୟ ତୀମଥିଙ୍କ ପ୍ରତି ପତ୍ର 4:4

ପାଉଲ, ପରମେଶ୍ୱରଙ୍କ ସେବକ ଓ ଯୀଶୁ ଖ୍ରୀଷ୍ଟଙ୍କ ପ୍ରେରିତ, ପରମେଶ୍ୱରଙ୍କ ମନୋନୀତ ଲୋକମାନଙ୍କର ବିଶ୍ୱାସ ଏବଂ ପରମେଶ୍ୱରଙ୍କ ସେବା ପରେ ସତ୍ୟକୁ ସ୍ୱୀକାର କରିବା ଦ୍ୱାରା; ଯିହୂଦୀ କାହାଣୀ ଓ ସତ୍ୟକୁ ଅନୁସରଣ ନ କରିବା ଦ୍ୱାରା, େଯଉଁମାେନ ସତ୍ୟକୁ ଅନୁସରଣ କରୁ ନାହାଁନ୍ତି, େସହି ଲୋକଙ୍କ ଆଜ୍ଞାଗୁଡ଼ିକ ପ୍ରତି ଆଦୌ ମନୋଯୋଗ କରୁ ନ ଥିେବ। ତୀତସ ୧:୧ ,୧୪

ସତ୍ୟକୁ ଜ୍ଞାନ ପାଇଲା ପରେ ଯଦି ଆମ୍ଭେ ସ୍ୱେଚ୍ଛାପୂର୍ବକ ପାପ କରିଥାଉ, ତେବେ ପାପ ପାଇଁ ଆଉ କୌଣସି ବଳିଦାନ ନାହିଁ। ଏବ୍ରୀ 10:26

ତାହାଙ୍କ ସୃଷ୍ଟ ସମସ୍ତ ସୃଷ୍ଟି ମଧ୍ୟରୁ ଆମ୍ଭମାନଙ୍କୁ ପ୍ରଥମ ଫଳ ସ୍ୱରୂପ କରିବା ପାଇଁ ସେ ନିଜ ଇଚ୍ଛାରେ ଆମକୁ ସତ୍ୟ ବାକ୍ୟ ଦ୍ୱାରା ଜୀବନ ଦାନ କଲେ। ଯାକୁବଙ୍କ ପତ୍ର 1:18

ଯଦି ତୁମ୍େଭ ତିକ୍ତ ଈର୍ଷା ଓ ତୁମ୍ଭ ହୃଦୟ େର ସ୍ୱାର୍ଥପରତା ଅଛି, ତା' େହେଲ ତୁମ୍େଭ ଗର୍ବ କରିବା ଉଚିତ୍ ନୁେହଁ। ମିଥ୍ୟା କହିବା ପାଇଁ କିଛି କରନାହିଁ। ଯାକୁବଙ୍କ ପତ୍ର 3:14

ଭାଇ ଓ ଭଉଣୀମାନେ! ତୁମ୍ଭ ଭିତରୁ ଯଦି ଜଣେ ସତ୍ୟରୁ ବିଚଳିତ ହୋଇଯାଏ, ତେବେ ଅନ୍ୟ ଜଣେ ତାକୁ ସତ୍ୟକୁ ଫେରାଇ ଆଣିବା ପାଇଁ ସାହାଯ୍ୟ କରୁ। ଯାକୁବଙ୍କ ପତ୍ର 5:19

ତୁମ୍ଭେମାନେ ପବିତ୍ର ହୋଇଛ ଏବଂ ପବିତ୍ର ଆତ୍ମାଙ୍କ ସାହାଯ୍ୟରେ ସତ୍ୟ ପାଳନ କରି ନିଜ ନିଜ ଆତ୍ମାକୁ ପବିତ୍ର କରିଛ। ଏହା ଦ୍ୱାରା ତୁମ୍ଭେମାନେ ଭାଇ ଓ ଭଉଣୀମାନଙ୍କ ପାଇଁ ନିଷ୍କପଟ ପ୍ରେମ ପାଇଛ। ତେଣୁ ପରସ୍ପରକୁ ପବିତ୍ର ହୃଦୟରେ ପ୍ରେମ କର। ୧ ପିତର ୧:୨୨

ତୁମ୍େଭ ଏହି କଥା ଜାଣ ଏବଂ ବର୍ତ୍ତମାନର ସତ୍ୟ େର ସ୍ଥିରୀକୃତ ଅଟ। କିନ୍ତୁ ମୁଁ ସର୍ବଦା ଏହି କଥାଗୁଡ଼ିକ ମନେ ପକାଇବା ପାଇଁ ଭୁଲିଯିବି ନାହିଁ। ଦ୍ୱିତୀୟ ପିତର 1:12

ସେମାନେ କହୁଥିବା ମନ୍ଦ କାମକୁ ଅନେକ ଲୋକ ଅନୁସରଣ କରିବେ, ସେମାନଙ୍କ ହେତୁରୁ ଅନ୍ୟ ଲୋକେ ମଧ୍ୟ ସତ୍ୟର ମାର୍ଗ ବିଷୟ ରେ ସମାଲୋଚନା କରିବେ। ଦ୍ୱିତୀୟ ପିତର 2:2

ଯଦି ଆମ୍ଭେ କହୁ ଯେ, ଆମ୍ଭମାନଙ୍କର ତାଙ୍କ ସହିତ ସହଭାଗିତା ଅଛି, କିନ୍ତୁ ଅନ୍ଧକାରରେ ଜୀବନଯାପନ କରୁ, ତେବେ ଆମେ ମିଥ୍ୟା କହୁ, ଏବଂ ସତ୍ୟର ଆଚରଣ କରୁ ନାହିଁ। ଯଦି ଆମ୍ଭେ କହୁ, ଆମ୍ଭମାନଙ୍କର କୌଣସି ପାପ ନାହିଁ, ତେବେ ଆମେ ନିଜକୁ ଠକୁଛୁ ଏବଂ ଆମଠାରେ ସତ୍ୟ ନାହିଁ। ୧ ଯୋହନ ୧:୬ ,୮

ଯଦି କିଏ କୁହେ, "ମୁଁ ପରମେଶ୍ୱରଙ୍କୁ ଜାଣେ," କିନ୍ତୁ ତାହାଙ୍କ ଆଜ୍ଞା ପାଳନ କରେ ନାହିଁ, ତେବେ ସେ ଜଣେ ମିଥ୍ୟାବାଦୀ, ଏବଂ ତା'ଠାରେ ସତ୍ୟ ନାହିଁ। ମୁଁ ତୁମ୍ଭମାନଙ୍କ ପାଖକୁ ଲେଖିବାର କାରଣ କ'ଣ ? ତୁମ୍ଭେମାନେ ସତ୍ୟକୁ ଜାଣି ନାହଁ ବୋଲି କ'ଣ ମୁଁ ଏହା ଲେଖିଲି ନାହିଁ, ବରଂ ତୁମ୍ଭେ ଏହି ସତ୍ୟ ଜାଣିଛ ବୋଲି ମୁଁ ଲେଖୁଛି। ଏବଂ କୌଣସି ମିଥ୍ୟା ସତ୍ୟରୁ ଉତ୍ପନ୍ନ ହୁଏ ନାହିଁ ବୋଲି ମଧ୍ୟ ମୁଁ ଏହା ଲେଖୁଛି। କିନ୍ତୁ ତୁମ୍ଭେମାନେ ତାହାଙ୍କଠାରୁ ଯେଉଁ ଅଭିଷେକ ପାଇଅଛ, ତାହା ତୁମ୍ଭମାନଙ୍କଠାରେ ଅଛି, ଏବଂ କେହି ତୁମ୍ଭମାନଙ୍କୁ ଶିକ୍ଷା ଦେବାର ଆବଶ୍ୟକତା ନାହିଁ; କିନ୍ତୁ ସେହି ଅଭିଷେକ ଯେପରି ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦିଏ, ସତ୍ୟ, ମିଥ୍ୟା ନୁହେଁ, ଏବଂ ଯେପରି ଏହା ତୁମ୍ଭମାନଙ୍କୁ ଶିକ୍ଷା ଦେଇଛି, ସେହିପରି ତୁମ୍ଭେମାନେ ତାହାଙ୍କଠାରେ ରହିବ। ୧ ଯୋହନ ୨:୪ ,୨୧,୨୭

ପ୍ରିୟ ପିଲାମାନେ, ଆମ୍ଭମାନେେ ଶବ୍ଦ ରେ କି ଜିହ୍ୱା ମଧ୍ୟରେ ନୁହନ୍ତି, ବରଂ ଆଚରଣ ରେ ଓ ସତ୍ୟ ରେ ପ୍ ରମେ କରିବା ଉଚିତ। ଏହିପରି ଆମ୍ଭେ ସତ୍ୟର ଅଟୁ ବୋଲି ଜାଣିପାରିବା। ୧ ଯୋହନ ୩:୧୮ -୧୯

ଆମ୍ଭେ ପରମେଶ୍ୱରଙ୍କର ଅଟୁ, ଯିଏ ପରମେଶ୍ୱରଙ୍କୁ ଜାଣିଛି ସେ ଆମ୍ଭ କଥା ଶୁଣେ। ଯେଉଁ ଲୋକ ପରମେଶ୍ୱରଙ୍କର ନୁହେଁ, ସେ ଆମ୍ଭ କଥା ଶୁଣେ ନାହିଁ। ଏହିପରି ଆମ୍ଭେ ସତ୍ୟମୟ ଆତ୍ମା ଓ ବିଭ୍ରାନ୍ତ ଆତ୍ମାକୁ ଚିହ୍ନି ପାରିବା। ୧ ଯୋହନ ୪:୬

ଯୀଶୁଖ୍ରୀଷ୍ଟ ହେଉଛନ୍ତି ଜଣେ ଯିଏ ଏ ସ୍ଥାନକୁ ଆସିଲେ, କେବଳ ଜଳ ସହିତ ନୁହେଁ, ମାତ୍ର ଜଳ ଓ ରକ୍ତ ସହିତ ମଧ୍ୟ ସେ ଏ ସ୍ଥାନକୁ ଆସିଲେ। ଆତ୍ମା ହିଁ ଏହି ସାକ୍ଷ୍ୟ ଦିଅନ୍ତି, କାରଣ ଆତ୍ମା ସତ୍ୟ। ୧ ଯୋହନ ୫:୬

ମୁଁ ସତ୍ୟରେ ସେମାନଙ୍କୁ ପ୍ରେମ କରେ, କେବଳ ମୁଁ ନୁହେଁ, ବରଂ ସତ୍ୟକୁ ଜାଣୁଥିବା ସମସ୍ତ ଲୋକଙ୍କୁ ମଧ୍ୟ ପ୍ରେମ କରେ; ଯେଉଁ ସତ୍ୟ ଆମ୍ଭମାନଙ୍କଠାରେ ବାସ କରେ, ଏବଂ ସର୍ବଦା ଆମ୍ଭମାନଙ୍କ ସହିତ ରହିବ, ସେଥିପାଇଁ ଆମ୍ଭେ ତାହା କରୁ। ପିତା ପରମେଶ୍ୱର ଓ ତାହାଙ୍କ ପୁତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରୁ ଅନୁଗ୍ରହ, ଦୟା ଓ ଶାନ୍ତି ସତ୍ୟ ଓ ପ୍ରେମରେ ତୁମ୍ଭମାନଙ୍କ ସହିତ ରହୁ। ପରମପିତାଙ୍କଠାରୁ ଆମ୍ଭେ ଯେଉଁ ଆଜ୍ଞା ପାଇଅଛୁ, ସେହିପରି ତୁମ୍ଭ ପିଲାମାନେ ସତ୍ୟରେ ଜୀବନଯାପନ କରୁଛନ୍ତି, ଏହା ଦେଖି ମୁଁ ବହୁତ ଆନନ୍ଦିତ ହେଲି। ୨ ଯୋହନ ୧:୧ -୪

ପ୍ରିୟତମ ଗାୟଙ୍କୁ, ମୁଁ ସତ୍ୟରେ ପ୍ରେମ କରେ, ତାହାଙ୍କୁ ମୁଁ ପ୍ରେରଣା ଦେଉଛି। ଖ୍ରୀଷ୍ଟ ରେ କେତେକ ଭାଇମାନେ ଏଠାକୁ ଆସିଲେ ଓ ତୁମ୍ଭେ ସତ୍ୟ ପଥ ଅନୁସରଣ କରୁଛ, ତାହା କହିଲେ। ସେମାନେ ମୋତ କହିଲେ ଯେ ତୁମ୍ଭେ ସତ୍ୟ ପଥେର ଚାଲୁଛ। ଏହା ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି। ମୋହର ପିଲାମାନେ ସତ୍ୟରେ ଚାଲନ୍ତି, ଏହା ଶୁଣି ମୋହର ଆନନ୍ଦର ବିଷୟ ଆଉ କିଛି ନାହିଁ । ତେଣୁ ଆମ୍ଭେ ଏପରି ଲୋକମାନଙ୍କୁ ସ୍ୱାଗତ କରିବା ଉଚିତ, ଯେପରି ଆମ୍ଭେ ସତ୍ୟ ପାଇଁ ସେମାନଙ୍କର ସହକର୍ମୀ ହୋଇପାରିବା। ଦୀମୀତ୍ରିୟଙ୍କ ବିଷୟରେ ସମସ୍ତେ ଭଲକଥା କହନ୍ତି, ଆଉ ସେମାନେ ସତ୍ୟ ବିଷୟରେ ମଧ୍ୟ ଭଲକଥା କହନ୍ତି। ଆମ୍ଭେ ମଧ୍ୟ ସାକ୍ଷ୍ୟ ଦେଉଛୁ, ଏବଂ ତୁମେ ଜାଣ ଯେ ଆମ୍ଭର ସାକ୍ଷ୍ୟ ସତ୍ୟ। ୩ ଯୋହନ ୧:୧ ୩-୪,୮,୧୨

ଆପୋକ୍ରିଫା

ତୃତୀୟ ଜଣକ ଲେଖିଲେ, ମହିଳାମାନେ ସବୁଠାରୁ ଶକ୍ତିଶାଳୀ: କିନ୍ତୁ ସର୍ବୋପରି ସତ୍ୟ ବିଜୟକୁ ଦୂରେଇ ନେଇଥାଏ। ୧ ଏଷ୍ଡ୍ର 3:12

୧ ଏସଡ୍ରାସ୍ ୪:୧୩ -୪୧
ତା'ପରେ ତୃତୀୟ ବ୍ୟକ୍ତି, ଯିଏ ମହିଳାମାନଙ୍କ ବିଷୟରେ ଏବଂ ସତ୍ୟ ବିଷୟରେ କହିଥିଲେ, (ଏ ଥିଲେ ଜୋରୋବାବେଲ) କହିବା ଆରମ୍ଭ କଲେ। ହେ ଲୋକମାନେ, ମହାନ ରାଜା ନୁହଁନ୍ତି, ନା ପୁରୁଷଙ୍କ ସଂଖ୍ୟା, ନା ମଦ ହିଁ ଶ୍ରେଷ୍ଠ; ତେବେ କିଏ ସେମାନଙ୍କୁ ଶାସନ କରେ, ନା ସେମାନଙ୍କ ଉପରେ କର୍ତ୍ତୃତ୍ୱ ଅଛି? ସେମାନେ କ'ଣ ମହିଳା ନୁହଁନ୍ତି? ମହିଳାମାନେ ରାଜା ଏବଂ ସମୁଦ୍ର ଏବଂ ସ୍ଥଳପଥରେ ଶାସନ କରୁଥିବା ସମସ୍ତ ଲୋକଙ୍କୁ ଜନ୍ମ ଦେଇଛନ୍ତି। ସେମାନେ ସେମାନଙ୍କ ମଧ୍ୟରୁ ମଧ୍ୟ ଆସିଲେ; ଏବଂ ଯେଉଁମାନେ ଦ୍ରାକ୍ଷାକ୍ଷେତ୍ର ଲଗାଇଥିଲେ, ସେହିମାନଙ୍କୁ ସେମାନେ ପାଳନ କଲେ ଓ ଯେଉଁଠାରୁ ଦ୍ରାକ୍ଷାରସ ଆସେ। ଏଗୁଡ଼ିକ ପୁରୁଷମାନଙ୍କ ପାଇଁ ପୋଷାକ ମଧ୍ୟ ତିଆରି କରନ୍ତି; ଏଗୁଡ଼ିକ ପୁରୁଷମାନଙ୍କ ପାଇଁ ଗୌରବ ଆଣନ୍ତି; ଏବଂ ମହିଳାମାନଙ୍କ ବିନା ପୁରୁଷମାନେ ରହିପାରିବେ ନାହିଁ। ହଁ, ଯଦି ପୁରୁଷମାନେ ସୁନା, ରୂପା, କିମ୍ବା ଅନ୍ୟ କୌଣସି ସୁନ୍ଦର ଜିନିଷ ସଂଗ୍ରହ କରନ୍ତି, ତେବେ ସେମାନେ କ'ଣ ଏପରି ଜଣେ ନାରୀକୁ ଭଲ ପାଆନ୍ତି ନାହିଁ ଯିଏ ସୌନ୍ଦର୍ଯ୍ୟରେ ସୁନ୍ଦରୀ? ଆଉ, ଏସବୁ ଛାଡ଼ି ଦେଇ, ସେମାନେ କ'ଣ ମୁହଁ ଖୋଲି ତା' ଉପରେ ଆଖି ନିକ୍ଷେପ କରନ୍ତି ନାହିଁ? ଆଉ ସମସ୍ତ ପୁରୁଷ କ'ଣ ରୂପା, ସୁନା କିମ୍ବା ଅନ୍ୟ କୌଣସି ସୁନ୍ଦର ଜିନିଷ ଅପେକ୍ଷା ତାକୁ ଅଧିକ ଲୋଭ କରନ୍ତି ନାହିଁ? ଜଣେ ମନୁଷ୍ୟ ଆପଣା ପ୍ରତିପାଳନକାରୀ ପିତାକୁ ଓ ନିଜ ଦେଶକୁ ଛାଡି ତା ସ୍ତ୍ରୀ ସହିତ ସଂଲଗ୍ନ ହୁଏ। ସେ ତାଙ୍କ ସ୍ତ୍ରୀଙ୍କ ସହିତ ଜୀବନ ବିତାଇବାକୁ ସ୍ଥିର କରନ୍ତି ନାହିଁ। ଏବଂ ତାଙ୍କ ବାପା, ମାତା, ଦେଶକୁ ମନେ ପକାନ୍ତି ନାହିଁ। ଏହା ଦ୍ୱାରା ତୁମେ ଏହା ମଧ୍ୟ ଜାଣିବା ଉଚିତ୍ ଯେ ନାରୀମାନେ ତୁମ ଉପରେ କର୍ତ୍ତୃତ୍ୱ କରନ୍ତି: ତୁମେ କ'ଣ ପରିଶ୍ରମ ଓ ପରିଶ୍ରମ କରୁନାହଁ, ଏବଂ ନାରୀକୁ ସବୁକିଛି ଦେଉନାହଁ ଏବଂ ଆଣି ଦେଉନାହଁ? ହଁ, ଜଣେ ଲୋକ ଆପଣା ଖଡ୍ଗ ଧରି ଲୁଟି ଓ ଚୋରି କରିବାକୁ, ସମୁଦ୍ର ଓ ନଦୀରେ ନୌଯାତ୍ରା କରିବାକୁ ଆପଣା ପଥରେ ଯାଏ; ସେ ସିଂହକୁ ଦେଖି ଅନ୍ଧାରରେ ଚାଲିଯାଏ; ଏବଂ ଯେତେବେଳେ ସେ ଚୋରି, ଲୁଟ ଏବଂ ଲୁଣ୍ଠନ କରେ, ସେ ତାହାକୁ ନିଜ ପ୍ରେମରେ ଆଣେ। ତେଣୁ ଜଣେ ପୁରୁଷ ନିଜ ସ୍ତ୍ରୀକୁ ବାପା କିମ୍ବା ମାତାଙ୍କଠାରୁ ଅଧିକ ଭଲ ପାଏ। ହଁ, ଅନେକ ଲୋକ ଅଛନ୍ତି ଯେଉଁମାନେ ମହିଳାମାନଙ୍କ ପ୍ରତି ନିଜର ବୁଦ୍ଧି ହରାଇ ଦେଇଛନ୍ତି ଏବଂ ସେମାନଙ୍କ ପାଇଁ ଦାସ ହୋଇଯାଇଛନ୍ତି। ଅନେକ ମଧ୍ୟ ମହିଳାଙ୍କ ପାଇଁ ବିନଷ୍ଟ ହୋଇଛନ୍ତି, ଭୁଲ କରିଛନ୍ତି ଏବଂ ପାପ କରିଛନ୍ତି। ଆଉ ଏବେ ତୁମେ ମୋତେ ବିଶ୍ୱାସ କରୁନାହଁ କି? ରାଜା କ'ଣ ତାଙ୍କ ଶକ୍ତିରେ ମହାନ ନୁହଁନ୍ତି? ସମସ୍ତ ଅଞ୍ଚଳ ତାଙ୍କୁ ଛୁଇଁବାକୁ ଭୟ କରନ୍ତି ନାହିଁ କି? ତଥାପି ମୁଁ ତାଙ୍କୁ ଏବଂ ରାଜାଙ୍କ ଉପପତ୍ନୀ ଆପାମେଙ୍କୁ, ପ୍ରଶଂସନୀୟ ବାର୍ଟାକସ୍ଙ୍କ ଝିଅଙ୍କୁ, ରାଜାଙ୍କ ଡାହାଣ ପାଖରେ ବସିଥିବା ଦେଖିଲି, ଆଉ ସେ ରାଜାଙ୍କ ମସ୍ତକରୁ ମୁକୁଟ କାଢ଼ି ନେଇ ନିଜ ମସ୍ତକରେ ରଖିଲା ଓ ଆପଣା ବାମ ହସ୍ତରେ ରାଜାଙ୍କୁ ଆଘାତ କଲା। ତଥାପି ଏସବୁ ସତ୍ତ୍ୱେ ରାଜା ମୁହଁ ଖୋଲି ତାଙ୍କ ଆଡ଼କୁ ଚାହିଁ ରହିଲେ: ଯଦି ସେ ତାଙ୍କ ଉପରେ ହସିଲେ, ତେବେ ସେ ମଧ୍ୟ ହସିଲେ; କିନ୍ତୁ ଯଦି ସେ ତାଙ୍କ ଉପରେ କୌଣସି ଅସନ୍ତୋଷ ପ୍ରକାଶ କରନ୍ତି, ତେବେ ରାଜା ତାଙ୍କୁ ପୁଣି ଥରେ ତାଙ୍କ ସହିତ ମିଳାମିଶା କରିବା ପାଇଁ ଚାପୁଡ଼ା ଦେବାକୁ ଇଚ୍ଛା କରୁଥିଲେ। ହେ ପୁରୁଷମାନେ, ଏହା କିପରି ହୋଇପାରିବ କିନ୍ତୁ ମହିଳାମାନେ ଶକ୍ତିଶାଳୀ ହେବା ଉଚିତ୍, କାରଣ ସେମାନେ ଏପରି କରନ୍ତି? ତା'ପରେ ରାଜା ଏବଂ ରାଜକୁମାରମାନେ ପରସ୍ପରକୁ ଚାହିଁଲେ: ତେଣୁ ସେ ସତ୍ୟ କଥା କହିବା ଆରମ୍ଭ କଲେ। ହେ ପୁରୁଷମାନେ, ନାରୀମାନେ କ'ଣ ଶକ୍ତିଶାଳୀ ନୁହଁନ୍ତି? ପୃଥିବୀ ମହାନ, ଆକାଶ ଉଚ୍ଚ, ସୂର୍ଯ୍ୟ ଆପଣା ଗତିରେ ଦ୍ରୁତଗାମୀ, କାରଣ ସେ ଆକାଶକୁ ଚାରିପାଖରେ ଘେରି ରଖନ୍ତି ଏବଂ ଗୋଟିଏ ଦିନରେ ନିଜ ସ୍ଥାନକୁ ପୁନର୍ବାର ଆପଣା ପଥ ନେଇଯାଆନ୍ତି। ଯେ ଏହି ସମସ୍ତ ସୃଷ୍ଟି କରନ୍ତି, ସେ କ'ଣ ମହାନ ନୁହଁନ୍ତି? ତେଣୁ ସତ୍ୟ ମହାନ ଏବଂ ସମସ୍ତ ବିଷୟ ଅପେକ୍ଷା ଶକ୍ତିଶାଳୀ। ସମଗ୍ର ପୃଥିବୀ ସତ୍ୟରେ ଡାକୁଛି, ଏବଂ ସ୍ୱର୍ଗ ତାହା ପାଇଁ ଆଶୀର୍ବାଦ କରୁଛି; ସମସ୍ତ କାର୍ଯ୍ୟ ଏଥିରେ କମ୍ପିତ ଓ କମ୍ପିତ ହୁଏ, ଏବଂ ଏଥିରେ କୌଣସି ଅଧର୍ମ ନାହିଁ। ମଦ୍ୟ ମନ୍ଦ, ରାଜା ମନ୍ଦ, ସ୍ତ୍ରୀମାନେ ମନ୍ଦ, ପୁରୁଷର ସମସ୍ତ ସନ୍ତାନ ମନ୍ଦ, ଏବଂ ସେମାନଙ୍କର ସମସ୍ତ ମନ୍ଦ କାର୍ଯ୍ୟ ଏହିପରି; ଏବଂ ସେମାନଙ୍କ ମଧ୍ୟରେ କୌଣସି ସତ୍ୟତା ନାହିଁ; ସେମାନଙ୍କର ଅଧର୍ମରେ ମଧ୍ୟ ସେମାନେ ବିନଷ୍ଟ ହେବେ। ସତ୍ୟ ବିଷୟରେ, ଏହା ସ୍ଥାୟୀ ଏବଂ ସର୍ବଦା ଶକ୍ତିଶାଳୀ; ଏହା ସର୍ବଦା ଜୀବିତ ଏବଂ ବିଜୟୀ ହୁଏ। ତା' ପାଖରେ କୌଣସି ବ୍ୟକ୍ତି ଗ୍ରହଣ କିମ୍ବା ପୁରସ୍କାର ନାହିଁ; କିନ୍ତୁ ସେ ନ୍ୟାୟପୂର୍ଣ୍ଣ କାର୍ଯ୍ୟ କରେ, ଏବଂ ସମସ୍ତ ଅନ୍ୟାୟ ଓ ମନ୍ଦ କାର୍ଯ୍ୟରୁ ନିବୃତ୍ତ ରହେ; ଏବଂ ସମସ୍ତ ପୁରୁଷ ତା'ର କାର୍ଯ୍ୟ ପରି ଭଲ କରନ୍ତି। ତାଙ୍କ ବିଚାରରେ କୌଣସି ଅଧର୍ମ ନାହିଁ; ଏବଂ ସେ ସର୍ବଯୁଗର ଶକ୍ତି, ରାଜ୍ୟ, ଶକ୍ତି ଏବଂ ମହିମା। ସତ୍ୟର ପରମେଶ୍ୱର ଧନ୍ୟ ହେଉନ୍ତୁ। ଏହା କହି ସେ ଚୁପ୍ ରହିଲେ। ତା'ପରେ ସମସ୍ତ ଲୋକ ଚିତ୍କାର କରି କହିଲେ, "ସତ୍ୟ ମହାନ ଏବଂ ସମସ୍ତ ଜିନିଷଠାରୁ ଶକ୍ତିଶାଳୀ।"

କିନ୍ତୁ ଯେତେବେଳେ ସେହି ଚିହ୍ନଗୁଡ଼ିକ ଆସିବ, ଦେଖ, ଏପରି ସମୟ ଆସିବ ଯେତେବେଳେ ପୃଥିବୀବାସୀ ବହୁ ସଂଖ୍ୟକ ଲୋକ ଧରାଯିବେ, ଏବଂ ସତ୍ୟର ପଥ ଲୁଚିଯିବ, ଏବଂ ଭୂମି ବିଶ୍ୱାସରୁ ମୁକ୍ତ ହେବ। ଦ୍ୱିତୀୟ ଏଷ୍ଟ୍ରୁ 5:1

ବିଶ୍ୱାସ ବିଷୟରେ, ଏହା ବୃଦ୍ଧି ପାଇବ, ଦୁର୍ନୀତି ଦୂର ହେବ, ଏବଂ ସତ୍ୟ, ଯାହା ଏତେ ଦିନ ଧରି ଫଳହୀନ ଥିଲା, ତାହା ଘୋଷଣା କରାଯିବ। ଦ୍ୱିତୀୟ ଏଷ୍ଟ୍ର 6:28

କିନ୍ତୁ କେବଳ ବିଚାର ରହିବ, ସତ୍ୟ ସ୍ଥିର ରହିବ, ଏବଂ ବିଶ୍ୱାସ ଦୃଢ଼ ହେବ; ଅସଂଯମତା ଶେଷ ହୋଇଛି, ବିଶ୍ୱାସଘାତକତା କାଟି ଦିଆଯାଇଛି, ଧାର୍ମିକତା ବୃଦ୍ଧି ପାଇଛି, ଏବଂ ସତ୍ୟ ଅଙ୍କୁରିତ ହୋଇଛି। ୨ ଏସଡ୍ରାସ ୭:୩୪ ,୪୪

ଯାହାର ଦୃଷ୍ଟି ଗଭୀର ଜଳକୁ ଶୁଷ୍କ କରେ, ଏବଂ କ୍ରୋଧ ପର୍ବତଗଣକୁ ତରଳି ଯାଏ; ଯାହା ସତ୍ୟ ସାକ୍ଷ୍ୟ ଦିଏ; ତୁମ୍ଭ ଲୋକମାନଙ୍କର ପାପ ପ୍ରତି ଦୃଷ୍ଟି ଦିଅ ନାହିଁ, ମାତ୍ର ସତ୍ୟରେ ତୁମ୍ଭର ସେବା କରୁଥିବା ଲୋକମାନଙ୍କ ପ୍ରତି ଦୃଷ୍ଟି ଦିଅ। କାରଣ ପ୍ରକୃତରେ ଏପରି କେହି ନାହିଁ ଯେ ଜନ୍ମ ହୋଇ ନାହିଁ, ମାତ୍ର ସେ ଦୁଷ୍ଟ ବ୍ୟବହାର କରିଅଛି; ଏବଂ ବିଶ୍ୱସ୍ତମାନଙ୍କ ମଧ୍ୟରେ ଏପରି କେହି ନାହିଁ ଯେ ଭୁଲ କରି ନାହିଁ। ୨ ଏସଡ୍ରାସ୍ ୮:୨୩ ,୨୬,୩୫

କାରଣ ତୁମ୍ଭେ ସତ୍ୟ ଭାବରେ ପୃଥିବୀର ବିଚାର କରି ନାହଁ। ଦ୍ୱିତୀୟ ଏଷ୍ଟ୍ର ୧୧:୪୧

ମୁଁ ଟୋବିଟ୍ ମୋ ଜୀବନର ସମସ୍ତ ଦିନ ସତ୍ୟ ଏବଂ ନ୍ୟାୟର ପଥରେ ଚାଲିଛି, ଏବଂ ମୁଁ ମୋର ଭାଇମାନଙ୍କୁ ଏବଂ ମୋ ଜାତିକୁ ଅନେକ ଦାନ କରିଛି, ଯେଉଁମାନେ ମୋ ସହିତ ଆସିରିଆନ ଦେଶକୁ ନୀନବେ ଆସିଥିଲେ। ଟୋବିଟ୍ ୧:୩

ହେ ପ୍ରଭୁ, ତୁମ୍ଭେ ଧାର୍ମିକ, ଏବଂ ତୁମ୍ଭର ସମସ୍ତ କାର୍ଯ୍ୟ ଏବଂ ତୁମ୍ଭର ସମସ୍ତ ପଥ ଦୟା ଓ ସତ୍ୟ, ଏବଂ ତୁମ୍ଭେ ଅନନ୍ତକାଳ ପାଇଁ ସତ୍ୟ ଓ ନ୍ୟାୟ ସହିତ ବିଚାର କରୁଅଛ। ଆଉ, ତୁମ୍ଭର ବିଗ୍ଭର ଅନେକ ଓ ସତ୍ୟ; ମୋର ପାପ ଓ ମୋର ପୂର୍ବପୁରୁଷଙ୍କ ପାପ ଅନୁସାରେ ମୋ' ପ୍ରତି ବ୍ୟବହାର କର। କାରଣ ଆମ୍ଭେମାନେ ତୁମ୍ଭର ଆଜ୍ଞା ପାଳନ କରି ନାହୁଁ, ତୁମ୍ଭ ସମ୍ମୁଖରେ ସତ୍ୟରେ ଆଚରଣ କରି ନାହୁଁ। ଟୋବିଟ୍ ୩:୨ ,୫

ତୁମର ମୋ ଝିଅକୁ ବିବାହ କରିବା ଉଚିତ୍; କିନ୍ତୁ ମୁଁ ତୁମ୍ଭକୁ ସତ୍ୟ କହିବି। ଟୋବିଟ୍ ୭:୧୦

"ସେପରି ସମସ୍ତ ଜାତି ସଦାପ୍ରଭୁଙ୍କର ପ୍ରଶଂସା କରିବେ, ଓ ତାହାଙ୍କର ଲୋକମାନେ ପରମେଶ୍ୱରଙ୍କୁ ସ୍ୱୀକାର କରିବେ, ଓ ସଦାପ୍ରଭୁ ଆପଣା ଲୋକମାନଙ୍କୁ ଉନ୍ନତ କରିବେ; ଏବଂ ଯେଉଁମାନେ ସତ୍ୟ ଓ ନ୍ୟାୟରେ ପ୍ରଭୁ ପରମେଶ୍ୱରଙ୍କୁ ପ୍ରେମ କରନ୍ତି, ସେମାନେ ସମସ୍ତେ ଆମ୍ଭମାନଙ୍କ ଭାଇମାନଙ୍କ ପ୍ରତି ଦୟା ଦେଖାଇ ଆନନ୍ଦ କରିବେ।" ଟୋବିଟ୍ 14:7

ସେତେବେଳେ ଅମ୍ମୋନ-ସନ୍ତାନଗଣର ସେନାପତି ଆଖୀୟୋର କହିଲେ, “ହେ ମୋର ପ୍ରଭୁ, ଏବେ ଆପଣଙ୍କ ଦାସର ମୁଖରୁ ଏକ କଥା ଶୁଣନ୍ତୁ, ତହିଁରେ ଆପଣଙ୍କ ନିକଟରେ ବାସ କରୁଥିବା ଏବଂ ପର୍ବତମୟ ଦେଶରେ ବାସ କରୁଥିବା ଏହି ଲୋକମାନଙ୍କ ବିଷୟରେ ମୁଁ ଆପଣଙ୍କୁ ସତ୍ୟ କଥା ଜଣାଇବି; ଆପଣଙ୍କ ଦାସର ମୁଖରୁ କୌଣସି ମିଥ୍ୟା କଥା ବାହାରିବ ନାହିଁ।” ଯିହୁଦାଙ୍କ ପତ୍ର 5:5

ଆଉ ମୁଁ ସତ୍ୟର କଥା ଘୋଷଣା କରିବା ପାଇଁ ତୁମର ସେନାପତି ହୋଲୋଫର୍ନେସ୍ ଙ୍କ ନିକଟକୁ ଆସୁଛି; ଏବଂ ମୁଁ ତାଙ୍କୁ ଏକ ପଥ ଦେଖାଇବି, ଯେଉଁଠାରେ ସେ ଯାଇ ସମସ୍ତ ପର୍ବତ ଅଞ୍ଚଳ ଜିତିବ, ତାଙ୍କ ଲୋକଙ୍କ ମଧ୍ୟରୁ କାହାରି ଶରୀର କିମ୍ବା ଜୀବନ ନ ହରାଇ। ଯିହୁଦୀଥଙ୍କ ପତ୍ର 10:13

ଯେଉଁମାନେ ତାହାଙ୍କଠାରେ ବିଶ୍ୱାସ ରଖନ୍ତି, ସେମାନେ ସତ୍ୟ ବୁଝିବେ; ଏବଂ ପ୍ରେମରେ ବିଶ୍ୱସ୍ତମାନେ ତାହାଙ୍କ ସହିତ ରହିବେ; କାରଣ ତାହାଙ୍କର ପବିତ୍ର ଲୋକଙ୍କ ପ୍ରତି ଅନୁଗ୍ରହ ଓ ଦୟା ଥାଏ, ଏବଂ ସେ ଆପଣା ମନୋନୀତ ଲୋକମାନଙ୍କର ଯତ୍ନ ନିଅନ୍ତି। ଶଲୋମନଙ୍କ ଜ୍ଞାନ 3:9

ତେଣୁ ଆମେ ସତ୍ୟପଥରୁ ବିପଥଗାମୀ ହୋଇଛୁ, ଧାର୍ମିକତାର ଆଲୋକ ଆମ ଉପରେ ପ୍ରକାଶିତ ହୋଇନାହିଁ, କିଅବା ଧାର୍ମିକତାର ସୂର୍ଯ୍ୟ ଆମ ଉପରେ ଉଦିତ ହୋଇନାହିଁ। ଶଲୋମନଙ୍କ ଜ୍ଞାନ 5:6

ଜ୍ଞାନ ବିଷୟରେ, ସେ କ'ଣ, ଏବଂ ସେ କିପରି ଉତ୍ପନ୍ନ ହେଲା, ମୁଁ ତୁମ୍ଭକୁ କହିବି, ଏବଂ ତୁମଠାରୁ ଗୁପ୍ତ କଥା ଲୁଚାଇବି ନାହିଁ; କିନ୍ତୁ ତାହାର ଜନ୍ମର ଆରମ୍ଭରୁ ତାହାକୁ ଖୋଜିବି, ଏବଂ ତାହାର ଜ୍ଞାନକୁ ଆଲୋକରେ ଆଣିବି, ଏବଂ ସତ୍ୟକୁ ଲଙ୍ଘନ କରିବି ନାହିଁ। ଶଲୋମନଙ୍କ ଜ୍ଞାନ 6:22

ଆପଣାକୁ ଗର୍ବ କର ନାହିଁ, ନୋହିଲେ ତୁମ୍ଭେ ପତିତ ହେବ ଓ ଆପଣା ପ୍ରାଣର ଅପମାନ କରିବ, ଆଉ ପରମେଶ୍ୱର ତୁମ୍ଭର ଗୁପ୍ତ ବିଷୟଗୁଡ଼ିକ ପ୍ରକାଶ କରିବେ ଓ ସମାଜ ମଧ୍ୟରେ ତୁମ୍ଭକୁ ନିକ୍ଷେପ କରିବେ, କାରଣ ତୁମ୍ଭେ ସତ୍ୟରେ ସଦାପ୍ରଭୁଙ୍କୁ ଭୟ କରିବାକୁ ଆସିଲ ନାହିଁ, ମାତ୍ର ତୁମ୍ଭର ହୃଦୟ ପ୍ରବଞ୍ଚନାରେ ପରିପୂର୍ଣ୍ଣ। ଉପଦେଶକ ୧:୩୦

କେବେବି ସତ୍ୟ ବିରୁଦ୍ଧରେ କଥା କୁହ ନାହିଁ, ବରଂ ନିଜ ଅଜ୍ଞାନର ଭୁଲ ପାଇଁ ଲଜ୍ଜିତ ହୁଅ। ମୃତ୍ୟୁ ପର୍ଯ୍ୟନ୍ତ ସତ୍ୟ ପାଇଁ ଚେଷ୍ଟା କର, ଏବଂ ପ୍ରଭୁ ତୁମ ପାଇଁ ଯୁଦ୍ଧ କରିବେ। ଉପଦେଶକ ୪:୨୫ ,୨୮

ସତ୍ୟ ପରୀକ୍ଷା ନ କରିବା ପୂର୍ବରୁ ଦୋଷ ଦିଅ ନାହିଁ: ପ୍ରଥମେ ବୁଝ, ଏବଂ ତା'ପରେ ଭର୍ତ୍ସନା କର। ଉପଦେଶକ 11:7

ପକ୍ଷୀମାନେ ନିଜ ନିଜ ପରି ଆଶ୍ରୟ ନେବେ; ସେହିପରି ସତ୍ୟତା ସେମାନଙ୍କ ନିକଟକୁ ଫେରି ଆସିବ ଯେଉଁମାନେ ତହିଁରେ ଅଭ୍ୟାସ କରନ୍ତି। ଉପଦେଶକ 27:9

ଅଶୁଚି ବସ୍ତୁରୁ କ'ଣ ପରିଷ୍କାର ହୋଇପାରିବ ? ଏବଂ ମିଥ୍ୟା ବସ୍ତୁରୁ କ'ଣ ସତ୍ୟ ଆସିପାରିବ ? ଉପଦେଶକ 34:4

ଏବଂ ସର୍ବୋପରି ସର୍ବୋପରିସ୍ଥଙ୍କ ନିକଟରେ ପ୍ରାର୍ଥନା କର, ଯେ ସେ ସତ୍ୟରେ ତୁମର ପଥ ନିର୍ଦ୍ଦେଶ ଦେବେ। ଉପଦେଶକ 37:15

ଏବଂ ଯେଉଁଠାରେ ତୁମେ ବାସ କରୁଛ ସେହି ସ୍ଥାନ ବିଷୟରେ ଚୋରି ବିଷୟରେ, ପରମେଶ୍ୱରଙ୍କ ସତ୍ୟତା ଏବଂ ତାଙ୍କ ନିୟମ ବିଷୟରେ, ଏବଂ ମାଂସ ଉପରେ କୁଣ୍ଡେଇ ବସିବା ବିଷୟରେ, ଏବଂ ଦେବା ଏବଂ ନେବା ବିଷୟରେ ତୁଚ୍ଛ କରିବା ବିଷୟରେ; ଉପଦେଶକ 41:19

କାରଣ ତୁମ୍ଭେ ଆମ୍ଭମାନଙ୍କ ପ୍ରତି ଯାହା ଯାହା କରିଅଛ, ସେସବୁରେ ତୁମ୍ଭେ ଧର୍ମମୟ ଅଟ; ହଁ, ତୁମ୍ଭର ସକଳ କାର୍ଯ୍ୟ ସତ୍ୟ, ତୁମ୍ଭର ପଥ ଧର୍ମମୟ ଓ ତୁମ୍ଭର ବିଚ୍ଭର ସବୁ ସତ୍ୟ। ତୁମ୍ଭେ ଆମ୍ଭମାନଙ୍କ ଉପରେ ଓ ଆମ୍ଭମାନଙ୍କ ପୂର୍ବପୁରୁଷମାନଙ୍କ ପବିତ୍ର ନଗରୀ ଯିରୁଶାଲମ ଉପରେ ଯାହା ଯାହା ଘଟାଇଅଛ, ସେସବୁରେ ତୁମ୍ଭେ ସତ୍ୟ ବିଚାର କରିଅଛ; କାରଣ ତୁମ୍ଭେ ସତ୍ୟ ଓ ନ୍ୟାୟ ଅନୁସାରେ ଆମ୍ଭମାନଙ୍କ ପାପ ହେତୁ ଏହିସବୁ ଆମ୍ଭମାନଙ୍କ ଉପରେ ଘଟାଇଅଛ। ଅସରିୟଙ୍କ ପ୍ରାର୍ଥନା ୧:୪ -୫

ତେଣୁ ସେ ସେମାନଙ୍କ ମଧ୍ୟରେ ଠିଆ ହୋଇ କହିଲେ, "ହେ ଇସ୍ରାଏଲର ସନ୍ତାନଗଣ, ତୁମ୍ଭେମାନେ କ'ଣ ଏତେ ମୂର୍ଖ ଯେ ସତ୍ୟର ପରୀକ୍ଷା କିମ୍ବା ଜ୍ଞାନ ବିନା ଇସ୍ରାଏଲର ଜଣେ କନ୍ୟାକୁ ଦୋଷୀ ବୋଲି କହିଲ? ସୁସାନ୍ନା 1:48

ଏହେତୁ ସେମାନଙ୍କ ବିଷୟରେ ସମସ୍ତ ଲୋକଙ୍କ ଉପରେ ଭୀତ ଓ ଭୟ ପଡ଼ିଲା, ସେମାନେ କହିଲେ, "ଏମାନଙ୍କ ମଧ୍ୟରେ ସତ୍ୟତା କି ଧାର୍ମିକତା ନାହିଁ; କାରଣ ସେମାନେ ଆପଣା ଆପଣା ନିୟମ ଓ ଶପଥ ଲଙ୍ଘନ କରିଅଛନ୍ତି।" ୧ ମାକାବୀୟଙ୍କ ପତ୍ର 7:18

ପ୍ରଭୁ ପରମେଶ୍ୱର ଆମ୍ଭମାନଙ୍କୁ ଦେଖନ୍ତି ଏବଂ ସତ୍ୟରେ ଆମକୁ ସାନ୍ତ୍ୱନା ଦିଅନ୍ତି, ଯେପରି ମୋଶା ତାଙ୍କ ଗୀତରେ କହିଥିଲେ, ଯିଏ ସେମାନଙ୍କ ମୁଖକୁ ସାକ୍ଷ୍ୟ ଦେଇଥିଲେ, ସେ କହିଥିଲେ, "ସେ ନିଜ ଦାସମାନଙ୍କଠାରେ ସାନ୍ତ୍ୱନା ପାଇବେ।" ଦ୍ୱିତୀୟ ମକାବୀୟଙ୍କ ପତ୍ର 7:6

ଏନୋକ୍

ପୃଥିବୀରୁ ସମସ୍ତ ଦୁଷ୍ଟତାକୁ ନଷ୍ଟ କର ଏବଂ ପ୍ରତ୍ୟେକ ମନ୍ଦ କାର୍ଯ୍ୟ ଶେଷ ହେଉ; ଏବଂ ଧାର୍ମିକତା ଓ ସତ୍ୟତାର ଉଦ୍ଭିଦ ଦେଖାଯାଉ; ତାହା ଆଶୀର୍ବାଦ ପ୍ରମାଣିତ ହେବ; ଧାର୍ମିକତା ଓ ସତ୍ୟର କାର୍ଯ୍ୟ ଅନନ୍ତକାଳ ପାଇଁ ସତ୍ୟ ଓ ଆନନ୍ଦରେ ରୋପଣ କରାଯିବ। ହନୋକ ୧୦:୧୬

ପୁଣି ସେହି ସମୟରେ ମୁଁ ସ୍ୱର୍ଗରେ ଥିବା ଆଶୀର୍ବାଦର କୋଠରୀଗୁଡ଼ିକୁ ଖୋଲିବି, ଯାହା ଦ୍ୱାରା ମନୁଷ୍ୟ ସନ୍ତାନମାନଙ୍କ କାର୍ଯ୍ୟ ଓ ଶ୍ରମ ଉପରେ ସେମାନଙ୍କୁ ପୃଥିବୀ ଉପରେ ପ୍ରେରଣ କରିବି। ଏବଂ ବିଶ୍ୱର ସମସ୍ତ ଦିନ ଏବଂ ପୁରୁଷାନୁକ୍ରମେ ସତ୍ୟ ଓ ଶାନ୍ତି ଏକତ୍ର ରହିବ। ହନୋକ ୧୧:୧-୨

ତା'ପରେ ପବିତ୍ର ଦୂତମାନଙ୍କ ମଧ୍ୟରୁ ଜଣେ ଉରିୟେଲ, ଯିଏ ମୋ ସହିତ ଥିଲେ ଏବଂ ସେମାନଙ୍କ ଉପରେ ମୁଖ୍ୟ ଥିଲେ, ସେ କହିଲେ, "ହନୋକ, ତୁମେ କାହିଁକି ମାଗୁଛ ଏବଂ ସତ୍ୟ ପାଇଁ କାହିଁକି ଆଗ୍ରହୀ?" ହନୋକ 21:5

ସେ ମୋତେ କହିଲେ, "ହନୋକ, ତୁମେ ମୋତେ ଗଛର ସୁଗନ୍ଧ ବିଷୟରେ କାହିଁକି ପଚାରୁଛ, ଏବଂ ତୁମେ କାହିଁକି ସତ୍ୟ ଜାଣିବାକୁ ଚାହୁଁଛ?" ହନୋକ ୨୫:୧

